ସକାଳ THE SAKALA



# କାର୍ ଓଲଟି ତିନି ମୃତ, ୩ ଗୁରୁତର

ନୂଆପଡ଼ା, ୧୭ ।୧୨ (ସମିସ): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ଥାନା ଅଧୀନ ତିଖାଲି ଛକ ନିକଟରେ ଭାରସାମ୍ୟ ହରାଇ ଏକ କାର୍ ଓଲଟି ପଡ଼ିବାରୁ ୩ଜଣ ଯୁବକଙ୍କ ମୃତ୍ୟୁ ଘଟିଥିବାବେଳେ ୩ ଆହତ ହୋଇଛନ୍ତି । ଆହତଙ୍କୁ ନୂଆପଡ଼ା ଜିଲ୍ଲାମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି । ସୂଚନା ଅନୁସାରେ, ବୁଧବାର ରାତି ପ୍ରାୟ ୯ଟାରେ କୋମନାରୁ ଗୋଟିଏ କାର୍‌ରେ ୭ଜଣ ଯୁବକ ଖଡ଼ିଆଳ ଅଭିମୁଖେ ଯାଉଥିବା ସମୟରେ ତିଖାଲି ଛକ ପୂର୍ବରୁ ଏକ ବୁଲାଣି ନିକଟରେ କାର୍‌ଟି ଭାରସାମ୍ୟ ହରାଇ ହଠାତ ଓଲଟି ପଡ଼ିଥିଲା । ଫଳରେ ଘଟଣାସ୍ଥଳରେ ୩ ଯୁବକ ଅବରାର ଓରଫ ବିଟୁ(୨୪), ଅଜନାନ ମହମ୍ମଦ(୨୫) ଏବଂ ମେହଫୁଜ ମହମ୍ମଦ(୨୩)ଙ୍କ ମୃତ୍ୟୁ ଘଟିଥିଲା ।

# ଜମି ରେଜିଷ୍ଟ୍ରେସନ ପାଇଁ ଟଙ୍କା ଲାଞ୍ଚ ନେଇ ଆର୍‌ଆଇ ଗିରଫ

ଜଗନ୍ନାଥପ୍ରସାଦ, ୧୭ ।୧୨(ସମିସ): ଜମି ମାପଚୁପ ପାଇଁ ଟଙ୍କା ନେଇ ନ ଫେରାଇବା ଅଭିଯୋଗରେ ଜଗନ୍ନାଥପ୍ରସାଦ ତହସିଲ ଅଧୀନ ଜଗନ୍ନାଥପ୍ରସାଦ ସର୍କଲର ପୂର୍ବତନ ରାଜସ୍ୱ ନିରୀକ୍ଷକ ବସନ୍ତ କୁମାର ମଲ୍ଲିକ (୪୨)ଙ୍କୁ ବୁଧବାର ଜଗନ୍ନାଥପ୍ରସାଦ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି ।

ହାଟପଦା ଲକ୍ଷ୍ମୀ ବଜାରର ଜଣେ ଲୁଗା ବ୍ୟବସାୟୀ ଏ. ବିରୁପାକ୍ଷ ପାତ୍ର ଏକ ଜମି କ୍ରୟ କରିବାକୁ ଜମି ମାଲିକଙ୍କୁ ଅଗ୍ରିମ ଟଙ୍କା ଦେଇଥିଲେ । ଏହାର ରେଜିଷ୍ଟ୍ରେସନ ପୂର୍ବରୁ ସ୍ଥାନୀୟ ଆର୍‌ଆଇଙ୍କ ଦ୍ୱାରା ଜାଗା ମାପଚୁପର କପି ବାହାର କରିବା ପାଇଁ ବିରୁପାକ୍ଷ ପାତ୍ର ଆର.ଆଇ ବସନ୍ତଙ୍କ ସହ ଯୋଗାଯୋଗ କରିଥିଲେ । ତେବେ ବସନ୍ତ ଏହାର ମାପଚୁପ ସହ ରେଜିଷ୍ଟ୍ରେସନ ଦାୟିତ୍ୱ ନିଜେ ନେବେ କହି ୩ ଲକ୍ଷ ୫୦ ହଜାର ଟଙ୍କା ଦାବି କରିଥିଲେ । ତେଣୁ ଅନ୍ୟ ଉପାୟ ନ ପାଇ ଶ୍ରୀ ପାତ୍ର ଆର୍‌ଆଇ ଦାବି କରିଥିବା ୩ ଲକ୍ଷ ୫୦ ହଜାର ଟଙ୍କାକୁ ଫୋନ୍ ପେ' ଆଉ ଚେକ୍ ମାଧ୍ୟମରେ ଗତ ୬ ନଭେମ୍ବର ୨୦୨୪ରେ ଦେଇଥିଲେ । ଠିକ ସେହିଭଳି ସରକାରୀ ଜାଗାକୁ ନିଜ ନାମରେ କରାଇ ଦେବା କହି ଜଗନ୍ନାଥପ୍ରସାଦ ପାଇକ ସାହିର ସୁବାସ ଚନ୍ଦ୍ର ସେଠିଙ୍କ ଠାରୁ ୧ଲକ୍ଷ ୪୦ହଜାର ନେଇଥିବା ଅଭିଯୋଗ ଆଣିଥିଲେ । ଟଙ୍କା ପାଇଲା ପରେ ଆର୍‌ଆଇ ବସନ୍ତ ମଲ୍ଲିକ ଆଉ ଧରାଛୁଆଁ ଦେଇନଥିଲେ । ଅନ୍ୟପକ୍ଷରେ ଆର୍‌ଆଇ ମଲ୍ଲିକ ତହସିଲ କାର୍ଯ୍ୟାଳୟ ସହ ଏକ ବିବାଦୀୟ କାରଣରୁ ଆର୍‌ଆଇ ସର୍କଲରୁ ବିଦା ହୋଇ ତହସିଲ କାର୍ଯ୍ୟାଳୟରେ ଅବସ୍ଥାପିତ ହୋଇଥିଲେ । ଏପଟେ ଆଡ଼ଭାନ୍ସ ନେଇଥିବା ଜମି ମାଲିକ ପୁରା ଟଙ୍କା ଦେଇ ତୁରନ୍ତ ରେଜିଷ୍ଟ୍ରେସନ ନ କଲେ ଉକ୍ତ ଜମି ଅନ୍ୟତ୍ର ବିକିଦେବାକୁ ଶ୍ରୀ ପାତ୍ରଙ୍କୁ ଜଣାଇଥିଲେ । ଫଳରେ ବିରୁପାକ୍ଷ ପାତ୍ର ଅନ୍ୟ ଆର୍‌ଆଇ ଓ ଲେଖାଳିଙ୍କ ସହିତ ଯୋଗାଯୋଗ କରି ନିଜ ନାମରେ ଉକ୍ତ ଜମିକୁ ରେଜିଷ୍ଟ୍ରେସନ କରାଇଥିଲେ । ଏହା ପରେ ବାରମ୍ବାର ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ବସନ୍ତ ଧରାଛୁଆଁ ଦେଉନଥିଲେ । ଦେଢ଼ବର୍ଷ ଅପେକ୍ଷା ପରେ ସ୍ଥାନୀୟ ତହସିଲଦାରଙ୍କ ନିକଟରେ ଅଭିଯୋଗ କରିଥିଲେ ବି କୌଣସି ସୁଫଳ ମିଳିନଥିଲା । ଶେଷରେ ମଙ୍ଗଳବାର ସନ୍ଧ୍ୟାରେ ଟଙ୍କା ଦେଇଥିବା ସମସ୍ତ ପ୍ରମାଣ ସହ ବିରୁପାକ୍ଷ ଓ ସୁବାସ ଉକ୍ତ ଆର୍‌ଆଇଙ୍କ ବିରୁଦ୍ଧରେ ଜଗନ୍ନାଥ ପ୍ରସାଦ ଥାନାରେ ଅଭିଯୋଗ କରିଥିଲେ ।

# ୩୫ ଲକ୍ଷ ଟଙ୍କାର ବ୍ରାଉନସୁଗର ଜବତ, ୩ ଗିରଫ

କଟକ,୧୭।୧୨(ସମିସ): ସହରରେ କାୟା ବିସ୍ତାର କରୁଥିବା ବେଆଇନ ନିଶା କାରବାର ଉପରେ ଅବକାରୀ ବିଭାଗ ପକ୍ଷରୁ ଏକ ଶକ୍ତ ପ୍ରହାର କରାଯାଇଛି । ବୁଧବାର ସହରର ବିଭିନ୍ନ ସ୍ଥାନରେ ଚଢ଼ଉ କରି ଅବକାରୀ ଟିମ୍ ତିନି ଜଣ ପେସାଦାର ନିଶା ବେପାରୀଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ମୋଟ ୩୫ ଲକ୍ଷ ଟଙ୍କାର ବ୍ରାଉନସୁଗର ଜବତ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ଯୋବ୍ରା ଅଞ୍ଚଳର କାହ୍ନା ଘଡେଇ (୨୦), ଚାନ୍ଦିନୀଚୌକର ପ୍ରକାଶ କୁମାର ବାରିକ (୪୦) ଏବଂ ମଠସାହିର କରନ ରାଜ (୧୮) । ଏମାନଙ୍କ ମଧ୍ୟରୁ ପ୍ରଥମେ କେନ୍ଦ୍ରାଞ୍ଚଳ ଅବକାରୀ ଗୁଇନ୍ଦା ବିଭାଗ ବିଶେଷ ସୂତ୍ରରୁ ଖବର ପାଇ ତଳ ବାଲିଯାତ୍ରା ପଡ଼ିଆରେ ଚଢ଼ଉ କରିଥିଲା ଏବଂ ସେଠାରୁ କାହ୍ନା ଘଡେଇକୁ କାବୁ କରିଥିଲା । ତଲାସି ପରେ ତା ନିକଟରୁ ୧୨୧ ଗ୍ରାମ ବ୍ରାଉନସୁଗର ମିଳିଥିଲା, ଯାହାର ମୂଲ୍ୟ ପ୍ରାୟ ୧୩ ଲକ୍ଷ ଟଙ୍କା ହେବ । ଏହାର କିଛି ସମୟ ପରେ ଅବକାରୀ ଫ୍ଲାଇଂ ସ୍କ୍ୱାଡ୍ ପକ୍ଷରୁ ବକ୍ସିବଜାରର ଏକ ନର୍ସିଂହୋମ ନିକଟରୁ କରନ ରାଜକୁ ଗିରଫ କରାଯାଇ ତା' ପାଖରୁ ୧୦୩ ଗ୍ରାମ ଏବଂ ଚାନ୍ଦିନୀଚୌକ ଅଞ୍ଚଳରୁ ପ୍ରକାଶ ବାରିକଙ୍କ ନିକଟରୁ ୧୧୭ ଗ୍ରାମ ବ୍ରାଉନସୁଗର ଜବତ କରାଯାଇଛି । ଜବତ ନିଶାଦ୍ରବ୍ୟର ମୂଲ୍ୟ ପ୍ରାୟ ୨୨ ଲକ୍ଷ ଟଙ୍କା ହେବ ବୋଲି ଆକଳନ କରାଯାଇଛି ।

# ଦୁବାଇରେ ଓଡ଼ିଆ ଦାଦନ ଶ୍ରମିକଙ୍କ ମୃତ୍ୟୁ

ଖଲ୍ଲିକୋଟ, ୧୭ ।୧୨(ସମିସ): ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ ଖୋଜାପଲ୍ଲୀ ଗ୍ରାମ ବଡ଼ଦାଣ୍ଡ ସାହିର ଧନେଶ୍ୱର ସେଠୀ (୪୪)ଙ୍କ ଦୁବାଇରେ ମୃତ୍ୟୁ ଘଟିଛି । ଦୁବାଇରୁ ଧନେଶ୍ୱରଙ୍କ ମୃତଦେହ ଆସି ମଙ୍ଗଳବାର ରାତିରେ ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚିଥିଲା । ସେଠାରୁ ରାତି ପ୍ରାୟ ୨ଟାରେ ଖୋଜାପଲ୍ଲୀ ଗ୍ରାମରେ ପହଞ୍ଚିଥିଲା । ଶୋକାକୁଳ ପରିବେଶରେ ଗାଁ ଶ୍ମଶାନରେ ଧନେଶ୍ୱରଙ୍କ ଅନ୍ତିମ ସଂସ୍କାର କରାଯାଇଛି । ପରିବାର ପ୍ରତିପୋଷଣ ପାଇଁ ଗତ ୪ ବର୍ଷ ତଳେ ଧନେଶ୍ୱର ଦୁବାଇର ଆବୁଧାବି ସହରକୁ ଯାଇ ଏକ ଘରୋଇ କମ୍ପାନୀରେ କାମ କରୁଥିଲେ । ରୋଜଗାର କରି ଯାହା କିଛି ଟଙ୍କା ପଠାଉଥିଲେ, ସେଥିରେ ଘର ଚଳୁଥିଲା । ସ୍ତ୍ରୀ କଲ୍ୟାଣୀ ସେଠୀ କିଡନୀ ରୋଗରେ ଆକ୍ରାନ୍ତ । ଗତ ୭ ତାରିଖରେ କମ୍ପାନୀରୁ କାମ ସାରି ଫେରିବା ବେଳେ ରାସ୍ତାରେ ହୃଦ୍‌ଘାତରେ ତାଙ୍କ ଜୀବନ ଚାଲିଯାଇଥିଲା ।

**ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କୁ ରାଜ୍ୟସ୍ତରୀୟ ଜୟନ୍ତୀରେ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି**

# ମହାରାଜା ଥିଲେ ଅପାର ଗୁଣର ଅଧିକାରୀ

ଭୁବନେଶ୍ୱର,୧୭।୧୨(ସମିସ): ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ଥିଲେ ଅପାର ଗୁଣର ଅଧିକାରୀ । ରାଜା ଭାବରେ ସେ ଥିଲେ ପ୍ରଜାନୁରଞ୍ଜନ । ପ୍ରଜାମାନଙ୍କ ହିତ ପାଇଁ ସେ ନିଜ ଜୀବନକୁ ଉତ୍ସର୍ଗ କରି ଦେଇଥିଲେ ।




ଖଣ୍ଡବିଖଣ୍ଡିତ ଓଡ଼ିଶାର ଏକୀକରଣ ତଥା ଭାଷାଭିତ୍ତିରେ ଓଡ଼ିଶାକୁ ଏକ ସ୍ୱତନ୍ତ୍ର ପ୍ରଦେଶ ରୂପେ ଗଠନ କରିବା ପାଇଁ ଯେଉଁ ଆନ୍ଦୋଳନର ସୂତ୍ରପାତ ହୋଇଥିଲା, ସେଥିରେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ବୋଲି ଜଙ୍ଗଲ, ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟିଆ ମତବ୍ୟକ୍ତ କରିଛନ୍ତି ।

ବୁଧବାର ଜୟଦେବ ଭବନଠାରେ ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ମୟୂରଭଞ୍ଜ ସାଂସ୍କୃତିକ ସଂସଦର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ରାଜ୍ୟସ୍ତରୀୟ ଜୟନ୍ତୀରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ଶ୍ରୀ ସିଂଖୁଣ୍ଟିଆ ଉତ୍କଳ ଜନନୀର ଏହି ଯୋଗଜନ୍ମା ସୁଯୋଗ୍ୟ ସନ୍ତାନ ଆଜି ସମଗ୍ର ଓଡିଆ ଜାତିର ଚିର ନମସ୍ୟ ବୋଲି ଉଲ୍ଲେଖ କରିଥିଲେ ।

କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ କରଞ୍ଜିଆ ବିଧାୟକ ଶ୍ରୀ ପଦ୍ମଚରଣ ହାଇବ୍ରୁରୁ କହିଲେ ଯେ ମୟୂରଭଞ୍ଜ ତଥା ଓଡିଶାର ସାମଗ୍ରିକ ବିକାଶ ପାଇଁ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ଅବଦାନ ଅବିସ୍ମରଣୀୟ । ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ଜଳସେଚନ, ଭାଷା ଆନ୍ଦୋଳନ, ଅରଣ୍ୟ ଓ ଖଣିଜ ସମ୍ପଦର ପୁନଃମୂଲ୍ୟାୟନ, ଶିଳ୍ପାୟନ ଆଦି ପ୍ରତି କ୍ଷେତ୍ରରେ ତାଙ୍କର ଦୂରଦର୍ଶୀ ଚିନ୍ତାଧାରା ଓ ଆଧୁନିକ ଜ୍ଞାନକୌଶଳର ପ୍ରୟୋଗ ସ୍ପଷ୍ଟ ଭାବରେ ପ୍ରତିଫଳିତ । ତାଙ୍କ ରାଜତ୍ୱ କାଳରେ ମୟୂରଭଞ୍ଜ ଏକ ଆଦର୍ଶ ରାଜ୍ୟ ପାଲଟିଥିଲା ବୋଲି ସେ କହିଥିଲେ ।

ଅନ୍ୟତମ ଅତିଥି ଭାବେ ମୟୂରଭଞ୍ଜ ସାଂସ୍କୃତିକ ସଂସଦର ସାଧାରଣ ସମ୍ପାଦକ ଡ. ରଜନୀକାନ୍ତ ବିଶ୍ୱାଳ, ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ ଅନୁଜ କୁମାର ଦାସପଟ୍ଟନାୟକ ପ୍ରମୁଖ ଯୋଗଦେଇ ବରପୁତ୍ରଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ପ୍ରଦାନ ପୂର୍ବକ ସ୍ମୃତିଚାରଣ କରିଥିଲେ । ଉପନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀ ଧନ୍ୟବାଦ ଦେଇଥିବା ବେଳେ ଲୋକସମ୍ପର୍କ ଅଧିକାରୀ ରୋଜାଲିନୀ ସାହୁ ସଂଯୋଜନା କରିଥିଲେ । ଏହି ଅବସରରେ ବିଭାଗର ଅତିରିକ୍ତ ଶାସନ ସଚିବ ଅଶୋକ କୁମାର ବେହୁରିଆ, ଉପନିର୍ଦ୍ଦେଶକ ଦୀପ୍ତିମୟୀ ମହାପାତ୍ରଙ୍କ ସମେତ ସମସ୍ତ ଅଧିକାରୀ, ଛାତ୍ରଛାତ୍ରୀ, ବୁଦ୍ଧିଜୀବୀମାନେ ଉପସ୍ଥିତ ଥିଲେ ।

# ହାତୀର ହାଡ଼ରୁ ତିଆରି କରୁଥିଲେ ଦାନ୍ତ



**୯ ଗିରଫ**

ନୀଳଗିରି, ୧୭।୧୨ (ସମିସ): କିଛି ଦିନ ପୂର୍ବରୁ କୁଲଡ଼ିହା ଅଭୟାରଣ୍ୟରେ ଏକ ମାଈ ହାତୀର ପ୍ରାଣହାନୀ ଘଟିଥିବା ବେଳେ ବନ ବିଭାଗ ପକ୍ଷରୁ ମୃତ ହାତୀକୁ ସେଠାରେ ପୋତି ଦିଆଯାଇଥିଲା । ଅଭୟାରଣ୍ୟରେ ଏଆଇ କ୍ୟାମେରା ଲାଗିଥିବାବେଳେ କିଛି ଶିକାରୀ ମୃତ ହାତୀକୁ ମାଟି ତଳୁ ଖୋଳି ବଡ଼ ବଡ଼ ହାଡ଼କୁ ଆଣି ହାତୀ ଦାନ୍ତ ସଦୃଶ ତିଆରି କରୁଥିଲେ । ପ୍ରଥମ ପର୍ଯ୍ୟାୟରେ କୁଲଡ଼ିହା ବନ ବିଭାଗ ଏହି ଘଟଣାରେ ତିନି ଜଣଙ୍କୁ ଗିରଫ କରିଥିବା ବେଳେ ସେମାନଙ୍କ ନିକଟରୁ ବହୁ ମାରଣାସ୍ତ୍ର ସହ ଜଙ୍ଗଲୀ ମଲା ଜନ୍ତୁ ଜବତ କରିଥିଲେ । ଗତ ମଙ୍ଗଳବାର ଦିନ ଆଉ ଦୁଇ ଶିକାରୀ ଗିରଫ ହୋଇଥିଲେ । ଗିରଫ ପାଞ୍ଚ ଜଣ ଶିକାରୀଙ୍କ ମୋବାଇଲକୁ ଟ୍ରାକ୍ କରି କୁଲଡ଼ିହା ବନ ବିଭାଗ ବୁଧବାର ଦିନ ପୁଣି ୪ ଶିକାରୀଙ୍କୁ ଗିରଫ କରିଛି ।

# ଫିଲ୍ମ ପ୍ରଯୋଜକ ରବୀନ୍ଦ୍ର ସାହୁଙ୍କ ପରଲୋକ

ଭୁବନେଶ୍ୱର,୧୭ । ୧୨ (ସମିସ): ଓଡ଼ିଶାର ଜଣାଶୁଣା ସିନେ ପ୍ରଯୋଜକ ରବୀନ୍ଦ୍ର ମୋହନ ସାହୁଙ୍କ ପରଲୋକ ହୋଇଯାଇଛି । ମୃତ୍ୟୁ ବେଳକୁ ତାଙ୍କୁ ୮୧ ବର୍ଷ ବୟସ ହୋଇଥିଲା । ସେ ଦୀର୍ଘଦିନ ହେଲା ଅସୁସ୍ଥ ଥାଇ ଭୁବନେଶ୍ୱର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ । ଶ୍ରୀ ସାହୁଙ୍କ ପତ୍ନୀ, ୫ ପୁଅ ଓ ଗୋଟିଏ ଝିଅ ଅଛନ୍ତି । ତାଙ୍କ ପରଲୋକରେ ବହୁ ବିଶିଷ୍ଟ ବ୍ୟକ୍ତିବିଶେଷ ମଧ୍ୟ ଶୋକ ପ୍ରକାଶ କରିଛନ୍ତି ।



ରବୀନ୍ଦ୍ରଙ୍କ ମୃତ୍ୟୁରେ ସମଗ୍ର ଓଲିଉଡ୍‌ରେ ଶୋକର ଛାୟା ଖେଳିଯାଇଛି । ରବୀନ୍ଦ୍ର ଓଲିଉଡ୍‌ର ଜଣେ ବରିଷ୍ଠ ପ୍ରଯୋଜକ ସହ ଡିଷ୍ଟ୍ରିବ୍ୟୁଟର ଓ ସମାଜସେବୀ ଭାବେ ବେଶ୍ ଜଣାଶୁଣା ଥିଲେ । ଓଲିଉଡ୍‌କୁ ତାଙ୍କର ପ୍ରଥମ ଅବଦାନ ଥିଲା 'ଏଇ ତ ଦୁନିଆଁ' । ୧୯୮୭ରେ ମୁକ୍ତିଲାଭ କରିଥିବା ଏହି ଚଳଚ୍ଚିତ୍ରଟି ଶ୍ରୀବଳଦେବଜୀଉ ପ୍ରଡକ୍ସନ ବ୍ୟାନରରେ ନିର୍ମିତ ହୋଇଥିଲା । ଏହା ପରେ ରବୀନ୍ଦ୍ର କ୍ରମାଗତ ଭାବେ ସିନେମା ନିର୍ମାଣ କରି ବସ୍ତ୍ର ହରଣ, ବୋହୂ ହେବ ଏମିତି, ପାଚେରୀ ଉଠିଲା ମଝି ଦୁଆରୁ, ମଣି ନାଗେଶ୍ୱରୀ, ନାଗପଞ୍ଚମୀ, ଶାଶୂ ହାତକଡ଼ି ଭାଉଜ ବେଡ଼ି, କୁଳନନ୍ଦନ, ରସିକ ନାଗର ଓ ଆଲୋ ମୋର କଣ୍ଢେଇ ଭଳି ସୁପର ହିଟ୍ ଫିଲ୍ମ ଦର୍ଶକଙ୍କୁ ଭେଟି ଦେଇଥିଲେ । ପ୍ରଯୋଜକ ବ୍ୟତୀତ ସେ ଅଭିନୟ ବି କରୁଥିଲେ । ସେ କେନ୍ଦ୍ରାପଡ଼ା ମ୍ୟୁନିସିପାଲିଟିର କାଉନ୍‌ସିଲର ଭାବେ ନିର୍ବାଚିତ ହେବା ସହ କେନ୍ଦ୍ରାପଡ଼ା ସରସ୍ୱତୀ ବିଦ୍ୟାମନ୍ଦିରର ସଭାପତି ମଧ୍ୟ ରହିଥିଲେ ।

# ନୂଆପଡ଼ାରେ ବିଜେପି ନୁହେଁ; ପ୍ରଶାସନ ନିର୍ବାଚନ ଲଢୁଥିଲା: ସ୍ନେହାଙ୍ଗିନୀ



ଭୁବନେଶ୍ୱର,୧୭।୧୨(ସମିସ): ନୂଆପଡ଼ାରେ ବିଜେପି ପ୍ରଶାସନ ସହଯୋଗରେ ନୂଆପଡ଼ାରେ ବୁଥ ରିଗିଂ କରିଛି । ନୂଆପଡ଼ାରେ ବିଜେପିର ବିଜୟରେ ଜିଲ୍ଲା ପ୍ରଶାସନ, ପୁଲିସ ପ୍ରଶାସନ ସହ ବହୁ ବଡ଼ବଡ଼ ଅଧିକାରୀ ସାମିଲ ଅଛନ୍ତି ବୋଲି ଅଭିଯୋଗ କରିଛି ବିଜେଡି । ନବୀନ ନିବାସରେ ଦଳର ସଭାପତି ନବୀନ ପଟ୍ଟନାୟକଙ୍କୁ ଭେଟିବା ପରେ ନୂଆପଡ଼ା ବିଜେଡି ନେତାମାନେ ଶଙ୍ଖ ଭବନରେ ଏକ ସାମ୍ବାଦିକ ସମ୍ମିଳନୀରେ ନୂଆପଡ଼ାରେ ବିଜେପି ଜାଲିଆତି କରି ବିଜୟୀ ହୋଇଥିବା କହିଛନ୍ତି । ଜିଲ୍ଲା ବିଜେଡି ସଭାପତି ଅବନୀ ଯୋଶୀ ଓ ଅନ୍ୟ ବରିଷ୍ଠ ନେତାଙ୍କ ଉପସ୍ଥିତିରେ ମହିଳା ବିଜେଡି ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ କହିଛନ୍ତି ଯେ ନୂଆପଡା ଉପନିର୍ବାଚନରେ ୯୧ଟି ବୁଥ୍‌ରେ ପ୍ରଶାସନ ସହଯୋଗରେ ଶାସକ ବିଜେପି ବୁଥ୍ ରିଗିଂ କରିଥିଲା ବେଳେ ୪୧ଟି ବୁଥ୍‌ରେ ୯୦ ପ୍ରତିଶତରୁ ଅଧିକ ଭୋଟ କିପରି ପଡିଛି । ନୂଆପଡ଼ାରେ ବିଜେପି ଉପନିର୍ବାଚନ ଲଢୁ ନ ଥିଲା; ସେଠାରେ ନିର୍ବାଚନ କମିଶନ, ଜିଲ୍ଲା ପ୍ରଶାସନ, ପୁଲିସ ପ୍ରଶାସନ ମିଳିତ ଭାବରେ ବିଜେପି ଚିହ୍ନରେ ଲଢୁଥିଲେ ବୋଲି ଶ୍ରୀମତୀ ଛୁରିଆ କହିଛନ୍ତି ।

ଏହି ସାମ୍ବାଦିକ ସମ୍ମିଳନୀରେ ନୂଆପଡ଼ା ବିଜେଡିର ବରିଷ୍ଠ ନେତା ମନୋଜ ମିଶ୍ର, ରାଜେଶ ନିଗମ, ଦୀପିକା ଦୀପ୍, ଭାନୁ ପ୍ରତାପ ସିଂ ମାଝୀ, ମୁରଲୀଧର ଭୋଇ, ଉମା ଠାକୁର, କ୍ଷମା ସିଂ ନିଆଲ, ଟିଟୁ ପଣ୍ଡା, ତୁରଣ ସିଂ ମାଝୀ, ରାଜୁ ଚୌହ୍ୱାନ, କାର୍ତ୍ତିକ ଦୀପ୍, ହେମନ୍ତ କର, ବୁନୁ ଖମାରୀ, ଭବାନୀ ପାଣିଗ୍ରାହୀ, ଦେବୀ ରଞ୍ଜନ ଖମାରୀ, ଗଇନ୍ଦରାମ ସାହୁ, ହେମନ୍ତ କୁମ୍ଭାର, ରାଜକିଶୋର ଭୋଇ ପ୍ରମୁଖ ଉପସ୍ଥିତ ଥିଲେ ।

# ଅଲିଭ୍ ରିଡ୍‌ଲେ କଇଁଛଙ୍କ ସୁରକ୍ଷାକୁ ଗୁରୁତ୍ୱ

ଭୁବନେଶ୍ୱର,୧୭ ।୧୨(ସମିସ): ରାଜ୍ୟର ବିଭିନ୍ନ ସମୁଦ୍ର ମୁହାଁଣରେ ୨୦୨୫-୨୬ରେ ଅଲିଭ୍‌ରିଡ୍‌ଲେଙ୍କ ଗଣଅଣ୍ଡାଦାନ ଋତୁକୁ ଦୃଷ୍ଟିରେ ରଖି ତତ୍ପର ହୋଇଛନ୍ତି ରାଜ୍ୟ ସରକାର । ଅଲିଭ୍ ରିଡ୍‌ଲେ ସାମୁଦ୍ରିକ କଇଁଛଙ୍କ ସୁରକ୍ଷା ଓ ସଂରକ୍ଷଣ ପାଇଁ ମୁଖ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଗଠିତ ଉଚ୍ଚ କ୍ଷମତା ସମ୍ପନ୍ନ କମିଟିର ଏକ ବୈଠକ କରି ଗତ ବର୍ଷ ନିଆଯାଇଥିବା ଓ ଆଗାମୀ ପଦକ୍ଷେପ ସଂପର୍କରେ ବିସ୍ତୃତ ଆଲୋଚନା କରାଯାଇଛି ।

**■ ମୁଖ୍ୟ ସଚିବଙ୍କ ଅଧ୍ୟକ୍ଷତାରେ ଉଚ୍ଚ କ୍ଷମତା ସମ୍ପନ୍ନ କମିଟି ବୈଠକ**
**■ ଉପକୂଳ ଫରେଷ୍ଟ ଡିଭିଜନ ଅଞ୍ଚଳରେ ଖୋଲିବ ୬୭ ପାଟ୍ରୋଲିଂ ଶିବିର**

ଓଡ଼ିଶା ଉପକୂଳରେ ଅଲିଭ୍ ରିଡ୍‌ଲେ ସାମୁଦ୍ରିକ କଇଁଛଙ୍କ ଅଧିକ ଗଣ ଅଣ୍ଡାଦାନ ହେଉଥିବା ଗହୀରମଥା ବନ୍ୟପ୍ରାଣୀ ସାମୁଦ୍ରିକ ଅଭୟାରଣ୍ୟ ଓ ଋଷିକୂଲ୍ୟା ନଦୀ ମୁହାଣ ଅଂଚଳରେ ଅଣ୍ଡାଦାନ ସଂପର୍କରେ ବିଶେଷ ଆଲୋଚନା ହୋଇଛି । ଗତ ୨୦୨୪-୨୦୨୫ରେ ଗହୀରମଥାଠାରେ ୬.୦୭ ଲକ୍ଷ ଓ ଋଷିକୂଲ୍ୟାଠାରେ ୯.୦୪ ଲକ୍ଷ ଏହି ପରି ମୋଟ ୧୫.୧୧ ଲକ୍ଷ ସାମୁଦ୍ରିକ କଇଁଛ ସମୂହ ଅଣ୍ଡାଦାନ କରିଛନ୍ତି, ଯାହା ରେକର୍ଡ ସଂଖ୍ୟକ ହୋଇଛି । ଏହି ପରିପ୍ରେକ୍ଷୀରେ ନଭେମ୍ବର ୧ ତାରିଖରୁ ଆଗାମୀ ମଇ ୩୧ ତାରିଖ ପର୍ଯ୍ୟନ୍ତ ଅଲିଭ୍ ରିଡଲେ ସାମୁଦ୍ରିକ କଇଁଛଙ୍କ ସୁରକ୍ଷା ଓ ସଂରକ୍ଷଣ ପାଇଁ ଋତୁଭିତ୍ତିକ ପରିଚାଳନା ଆରମ୍ଭ ହୋଇସାରିଛି । କେନ୍ଦ୍ରୀୟ ମନିଟରିଂ ୟୁନିଟ୍ ରାଜ୍ୟ ବନ୍ୟପ୍ରାଣୀ ମୁଖ୍ୟାଳୟରେ କାର୍ଯ୍ୟ କରୁଛି । ତଦାରଖ ପାଇଁ ହାଇସ୍ପିଡ୍ ଡଙ୍ଗା, ଟ୍ରଲର, ସହାୟକ ଡଙ୍ଗା ନିୟୋଜିତ କରାଯାଇଛି । ସମସ୍ତ ଉପକୂଳ ଫରେଷ୍ଟ ଡିଭିଜନ ଅଂଚଳରେ ୬୭ଟି ପାଟ୍ରୋଲିଂ ଶିବିର ଆନୁଷଙ୍ଗିକ ସୁବିଧା ପୁନଃକାର୍ଯ୍ୟକ୍ଷମ ହେବାକୁ ନିଷ୍ପତ୍ତି ହୋଇଛି । ଏଥିପାଇଁ ପ୍ରତି ଡିଭିଜନ ସ୍ତରରେ ସମୁଦ୍ରରେ ଯୁଗ୍ମ ପାଟ୍ରୋଲିଂ ପାଇଁ ସମନ୍ୱୟ ବୈଠକ କରାଯାଉଛି । ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକମାନଙ୍କ ସହଯୋଗ ନିଆଯାଉଛି ।

ମତ୍ସ୍ୟ ଓ ପ୍ରାଣୀ ସଂପଦ ବିକାଶ ବିଭାଗ ତରଫରୁ ନଭେମ୍ବର ୧ରୁ ୩୧ ମେ ପର୍ଯ୍ୟନ୍ତ ଧାମରା ବନ୍ଦର, ଦେବୀ ନଦୀ ଓ ଋଷିକୂଲ୍ୟା ନଦୀ ମୁହାଣ ଆଖପାଖ ୨୦ କିମି. ପରିସର ମଧ୍ୟରେ ମୋଟରଚାଳିତ ମାଛଧରା ଡଙ୍ଗା ବ୍ୟବହାର ଉପରେ ନିଷେଧାଦେଶ ଲାଗୁ କରାଯାଇଛି । ଗହୀରମଥା ଅଭୟାରଣ୍ୟ ଅଂଚଳରେ ଏହି କଟକଣା ବର୍ଷସାରା ରହିଛି । ଅଲିଭ୍ ରିଡ୍‌ଲେ କଇଁଛଙ୍କର ଗତିବିଧି, ଅଣ୍ଡାଦାନସ୍ଥଳୀ ସଂପର୍କରେ ଜାଣିବା ପାଇଁ ୨୦୨୫ରୁ ୨୦୨୯ ପର୍ଯ୍ୟନ୍ତ ଏକ ସାଟେଲାଇଟ୍ ଟେଲିମେଟ୍ରି ଅଧ୍ୟୟନ କାର୍ଯ୍ୟକାରୀ କରାଯାଇଛି ।

**■ ଦିବ୍ୟାଙ୍ଗ ପ୍ରଧାନଶିକ୍ଷକଙ୍କ ପ୍ରାପ୍ୟ ପ୍ରଦାନ କରା ନଯିବା ପ୍ରସଙ୍ଗ**

# ହାଇକୋର୍ଟରେ ହାଜର ହେଲେ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ

କଟକ,୧୭ ।୧୨(ସମିସ): ଭୁବନେଶ୍ୱର ଡୁମଡୁମାସ୍ଥିତ ସରକାରୀ ସ୍କୁଲରେ କାର୍ଯ୍ୟରତ ଜଣେ ଦିବ୍ୟାଙ୍ଗ ପ୍ରଧାନଶିକ୍ଷକଙ୍କ ପଦୋନ୍ନତି ବାବଦ ବକେୟା ପ୍ରାପ୍ୟ ପ୍ରଦାନ କରାଯାଉ ନଥିବା ପ୍ରସଂଗରେ ଦାୟର ମାମଲାରେ ଆଜି ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ହାଇକୋର୍ଟରେ ବ୍ୟକ୍ତିଗତ ଭାବେ ହାଜର ହୋଇଥିଲେ । ଇତିମଧ୍ୟରେ ଆବେଦନକାରୀ ପ୍ରଧାନଶିକ୍ଷକଙ୍କୁ ବକେୟା ପ୍ରାପ୍ୟ ବାବଦରେ ୪ଲକ୍ଷ ୬୪ ହଜାର ୮୦୪ ଟଙ୍କା ଗତ ଡିସେମ୍ବର ୧୬ରେ ପ୍ରଦାନ କରାଯାଇଥିବା ନେଇ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କ ପକ୍ଷରୁ ହାଇକୋର୍ଟଙ୍କୁ ଅବଗତ କରାଯାଇଥିଲା । ସେହିଭଳି ପ୍ରଧାନ ଶିକ୍ଷକ ପଦ ପାଇଁ ଉଦ୍ଦିଷ୍ଟ ଦରମା ଆବେଦନକାରୀଙ୍କୁ ପ୍ରଦାନ ପାଇଁ ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି ସରକାରଙ୍କ ତରଫରୁ ଦର୍ଶାଯାଇଥିଲା । ଏହି ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ଶୀତ ଅବକାଶ ପରେ କରାଯିବ ବୋଲି ଜଷ୍ଟିସ ଦୀକ୍ଷିତ କ୍ରିଷ୍ଣା ଶ୍ରୀପଦଙ୍କୁ ନେଇ ଗଠିତ ଖଣ୍ଡପୀଠ ଉଦୟନାଥ ବେହେରାଙ୍କ ଆବେଦନର ଶୁଣାଣି କରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି ।

ପ୍ରକାଶଥାଉକି, ଏହି ମାମଲାରେ ଗତ ୨୦୨୫, ନଭେମ୍ବର ୨୮ର ନିର୍ଦ୍ଦେଶ ପାଳନ କରାଯାଇ ନଥିବାରୁ ବ୍ୟକ୍ତିଗତ ଭାବେ ହାଜର ହୋଇ ସ୍ପଷ୍ଟୀକରଣ ଦେବାକୁ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ । ମାମଲାରୁ ପ୍ରକାଶ ଯେ ଆବେଦନକାରୀଙ୍କୁ ପ୍ରଧାନ ଶିକ୍ଷକ ପଦକୁ ୨୦୨୨ରୁ ପଦୋନ୍ନତି ମିଳିଥିଲେ ମଧ୍ୟ ପ୍ରଧାନ ଶିକ୍ଷକ ପଦର ଦରମା ପ୍ରଦାନ କରାଯାଇ ନଥିଲା । ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ୨୦୨୫, ଅକ୍ଟୋବର ୧୭ରେ ହାଇକୋର୍ଟ ମାମଲାର ଶୁଣାଣି କରି ପ୍ରଧାନ ଶିକ୍ଷକ ପଦ ପାଇଁ ଥିବା ଦରମା ଆବେଦନକାରୀଙ୍କୁ ପ୍ରଦାନ ସୁନିଶ୍ଚିତ କରିବାକୁ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ କିନ୍ତୁ ପରବର୍ତ୍ତୀ ଶୁଣାଣି ବେଳେ ଏହି ନିର୍ଦ୍ଦେଶ ପାଳନ ହୋଇ ନଥିବାରୁ ହାଇକୋର୍ଟ ଅସନ୍ତୋଷ ପ୍ରକାଶ କରିଥିଲେ । ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ଡକ୍ଟର ଜିତେନ୍ଦ୍ର କୁମାର ଲେଙ୍କା ମାମଲା ପରିଚାଳନା କରୁଛନ୍ତି ।

**■ ୭ମ ଓଡ଼ିଶା ରାଜ୍ୟ ପୁସ୍ତକ ମହୋତ୍ସବ ଉଦ୍‌ଯାପିତ**

# ପୁସ୍ତକ ମହୋତ୍ସବ ଲେଖକ, ପାଠକ ଓ ପ୍ରକାଶକଙ୍କ ତ୍ରିବେଣୀ ସଙ୍ଗମ

ଭୁବନେଶ୍ୱର,୧୭ ।୧୨(ସମିସ): ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଆୟୋଜିତ ୭ମ ଓଡ଼ିଶା ରାଜ୍ୟ ପୁସ୍ତକ ମହୋତ୍ସବ ବୁଧବାର ପ୍ରଦର୍ଶନୀ




ପଡିଆଠାରେ ଉଦ୍‌ଯାପିତ ହୋଇଯାଇଛି । କାର୍ଯ୍ୟକ୍ରମରେ ବାଚସ୍ପତି ସୁରମା ପାଢ଼ୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୁସ୍ତକ ମହୋତ୍ସବ ବୁଲି ଦେଖିବା ସହ ଅଭିଭାଷଣରେ ପୁସ୍ତକ ମହୋତ୍ସବକୁ ଲେଖକ, ପାଠକ ଓ ପ୍ରକାଶକଙ୍କର ତ୍ରିବେଣୀ ସଙ୍ଗମ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ ବୋଲି କହିଥିଲେ । ପୁସ୍ତକ ଅଜୟ ଓ ଅମର । ଓଡ଼ିଆ ଭାଷା ଓ ସାହିତ୍ୟକୁ ସମୃଦ୍ଧ କରିବାର ଏହି ଅଭିନବ ପ୍ରୟାସ ପାଇଁ ସେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗକୁ ସାଧୁବାଦ ଜଣାଇଥିଲେ ।

ମୁଖ୍ୟବକ୍ତା ଭାବେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ବିଜେତା ଯଶୋଧରା ମିଶ୍ର କହିଥିଲେ ପୁସ୍ତକ ହେଉଛି ମାନବ ସଭ୍ୟତାର ଅମୂଲ୍ୟ ସମ୍ପଦ । ପୁସ୍ତକ ସମାଜର ଦର୍ପଣ । ପୁସ୍ତକ ବିନା ବିକଶିତ ସମାଜର କଳ୍ପନା ମଧ୍ୟ କରିହେବ ନାହିଁ । ଆଜିର ଜଗତୀକରଣ ଓ ଇଣ୍ଟରନେଟ ଯୁଗରେ ପୁସ୍ତକ ନିଜ ପାଇଁ ଏକ ଅନନ୍ୟ ସ୍ଥାନ ସୃଷ୍ଟି କରିପାରିଛି ଏବଂ ଯୁବପିଢ଼ି ମଧ୍ୟ ପୁସ୍ତକ କିଣିବା ଓ ପିଢିବା ପାଇଁ ଆଗ୍ରହ ପ୍ରକାଶ କରୁଥିବା ବୋଲି ସେ କହିଥିଲେ ।

ସମାରୋହରେ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ "ସାମନ୍ତ ଚନ୍ଦ୍ର ଶେଖର ପତ୍ରାବଳୀ", "ବଳରାମ ଦାସ" "ଶିଶୁ ଅନନ୍ତ ଦାସ", "ଯଶୋବନ୍ତ ଦାସ", ଅନୁବାଦ ସାହିତ୍ୟ ପରିଷଦ ତରଫରୁ ସାନ୍ତାଳୀ ଭାଷାରେ ଅନୂଦିତ ପୁସ୍ତକ "ପିଲାଙ୍କ ଚିଠି ଓ ଆଇନ ଷ୍ଟାଇନଙ୍କ ଉତ୍ତର", "ଲେଟ୍ରାଇଭର", ଶ୍ରୀ ଗୋବିନ୍ଦଙ୍କ ଦ୍ୱାରା ଲିଖିତ ପୁସ୍ତକ "ସ୍ୱାସ୍ଥ୍ୟ ମନ୍ତ୍ର", ବିଜୟ କୁମାର ଛାଟୋଇଙ୍କ ଲିଖିତ "କବିତାମାଳା", ପ୍ରଭାତୀ ମିଶ୍ରଙ୍କ ରଚିତ "ଦ ଡାଇମଣ୍ଡ ଟ୍ରାଇଆଙ୍ଗେଲ", କନକ ବାଳା ଦାସଙ୍କ ଲିଖିତ "ସ୍ୱାଧୀନତା ପୂର୍ବବର୍ତ୍ତୀ ଓଡ଼ିଆ ଉପନ୍ୟାସରେ ନାରୀ ଚରିତ୍ର" ଆଦି ପୁସ୍ତକ ଉନ୍ମୋଚିତ ହୋଇଥିଲା । ଏଥିସହ ସମାରୋହରେ ୨୦୦ରୁ ଊର୍ଦ୍ଧ୍ୱ ପ୍ରକାଶକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ଶାସନ ସଚିବ ଦେବ ପ୍ରସାଦ ଦାଶ ଓ ଓଡ଼ିଶା ସାହିତ୍ୟ ଏକାଡେମୀ ସଚିବ ଡ. ଚନ୍ଦ୍ର ଶେଖର ହୋତା ଓ ସଂସ୍କୃତି ବିଭାଗର ସଚିବ ଡା. ବିଜୟ କେତନ ଉପାଧ୍ୟାୟ ପ୍ରମୁଖ ଉପସ୍ଥିତ ଥିଲେ ।

ଚଳିତ ବର୍ଷ ପୁସ୍ତକ ମହୋତ୍ସବରେ ୬.୫ କୋଟି ଟଙ୍କାର ବ୍ୟବସାୟ ହୋଇଛି । ଏଥିସହ ୧୨ ଦିନ ମଧ୍ୟରେ ବିଭିନ୍ନ ପ୍ରକାଶନ ସଂସ୍ଥା ପକ୍ଷରୁ ୧୦୦ରୁ ଊର୍ଦ୍ଧ୍ୱ ପୁସ୍ତକ ଉନ୍ମୋଚିତ ହୋଇଛି ।

**■ ହାଇକୋର୍ଟରେ ଆପାର୍ଟମେଣ୍ଟ ପଞ୍ଜୀକରଣ ମାମଲା**

# ଜାନୁଆରୀ ୨୦ରେ ଶୁଣାଣି

କଟକ,୧୭।୧୨(ସମିସ): ରାଜ୍ୟରେ ରେରା ଆଇନ କାର୍ଯ୍ୟକାରୀ ତଥା ୨୦୧୭ ଫେବୃଆରୀ ୨୫ପୂର୍ବରୁ ନିର୍ମିତ ଆପାର୍ଟମେଣ୍ଟ ପଞ୍ଜୀକରଣକୁ ସରକାର ଅନୁମତି ପ୍ରଦାନ କରି ଗତ ୨୦୨୫ ଫେବୃଆରୀରେ ଜାରି ବିଜ୍ଞପ୍ତିକୁ ବେଆଇନ ଦର୍ଶାଇ ରୁଜୁ ମାମଲାର ଶୁଣାଣି କରିଛନ୍ତି ହାଇକୋର୍ଟ । ଉକ୍ତ ବିଜ୍ଞପ୍ତିକୁ ଇତିମଧ୍ୟରେ ବାତିଲ କରି ସରକାର ଡିସେମ୍ବର ୩ରେ ଏକ ନୂତନ ବିଜ୍ଞପ୍ତି ଆଣିଥିବା ବେଳେ ଏହାସହ କେତେକ ମଧ୍ୟବର୍ତ୍ତୀକାଳୀନ ଆବେଦନ ଉପରେ ଆସନ୍ତା ଜାନୁଆରୀ ୨୦ରେ ପରବର୍ତ୍ତୀ ଶୁଣାଣି ହେବ ବୋଲି ଧାର୍ଯ୍ୟ କରିଛନ୍ତି ଅଦାଲତ । ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଓ ଜଷ୍ଟିସ ଏମ.ଏସ.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ବିମଳେନ୍ଦୁ ପ୍ରଧାନଙ୍କ ତରଫରୁ ଦାୟର ଏହି ମାମଲାର ଶୁଣାଣି କରିଛନ୍ତି । ଓଡ଼ିଶା ଆପାର୍ଟମେଣ୍ଟ ଓନସରସିପ ଆଣ୍ଡ ମ୍ୟାନେଜମେଣ୍ଟ ଆକ୍ଟ (ଓଏଓଏମ ଆକ୍ଟ-୨୦୨୩) ଅନୁସାରେ ସମସ୍ତ ଆପାର୍ଟମେଣ୍ଟ ପଞ୍ଜୀକରଣ ପାଇଁ ଅକ୍ୟୁପାନ୍ସି ପ୍ରମାଣପତ୍ର ବାଧ୍ୟତାମୂଳକ ଥିଲା । ୨୦୧୭ଫେବୃଆରୀ୨୫ପୂର୍ବରୁ ନିର୍ମିତ ଆପାର୍ଟମେଣ୍ଟ ପଞ୍ଜୀକରଣ କ୍ଷେତ୍ରରେ ଉପରୋକ୍ତ ଆଇନ ଲାଗୁ ହେବ ନାହିଁ ବୋଲି ସରକାର ଗତ ଫେବୃଆରୀରେ ଜାରି ବିଜ୍ଞପ୍ତି ବେଆଇନ ଦର୍ଶାଇ ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ଥିଲେ । ଏହି ବିଜ୍ଞପ୍ତିକୁ ଯଦିଓ ବାତିଲ କରାଯାଇ ନୂଆ ବିଜ୍ଞପ୍ତି ଆସିଛି । ଏହି ପ୍ରସଂଗରେ କେତେକ ଇଣ୍ଟରଭିନର ଅନ୍ତରୀଣ ଆବେଦନ ମଧ୍ୟ କରିଛନ୍ତି । ପରବର୍ତ୍ତୀ ତାରିଖରେ ଏ ପ୍ରସଂଗରେ ଶୁଣାଣି ହେବ ବୋଲି କହିଛନ୍ତି ଆବେଦନକାରୀଙ୍କ ଆଇନଜୀବୀ ମୋହିତ ଅଗ୍ରୱାଲ ।

# ସମାଧାନ ହେଉନି ଓପିଟିସିଏଲ୍‌ର ମାନବସମ୍ବଳ ସଙ୍କଟ

ଭୁବନେଶ୍ୱର,୧୭।୧୨(ସମିସ): ବାରମ୍ବାର ଉପସ୍ଥାପନା ସତ୍ତ୍ୱେ ଓପିଟିସିଏଲ କର୍ତ୍ତୃପକ୍ଷ ମାନବସମ୍ବଳ ପରିଚାଳନା, କ୍ୟାଡର ପୁନର୍ଗଠନ ଏବଂ ସ୍ୱଚ୍ଛ ପ୍ରଶାସନ ଜନିତ ସମସ୍ୟାର ସମାଧାନ ହୋଇପାରୁନାହିଁ । ଫଳରେ ଓଡ଼ିଶା ଶକ୍ତି ସଞ୍ଚାରଣ ନିଗମ (ଓପିଟିସିଏଲ) ର ଇଞ୍ଜିନିୟରମାନେ ଦୀର୍ଘକାଳୀନ ସଂସ୍ଥାଗତ ସମସ୍ୟା ଯଥା ମାନବସମ୍ବଳ ଅଭାବ, ସ୍ୱଚ୍ଛତା ଏବଂ କାର୍ଯ୍ୟ ସମ୍ପାଦନ ସମସ୍ୟା ଯାହା ଗ୍ରୀଡ୍ ନିର୍ଭରଯୋଗ୍ୟତା, କର୍ମଚାରୀ ମନୋବଳ

**ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଲେ ଇଞ୍ଜିନିୟର**

ଏବଂ ଜନସ୍ୱାର୍ଥକୁ ପ୍ରଭାବିତ କରୁଛି । ତେଣୁ ସମାଧାନ ପାଇଁ ଓପିଟିସିଏଲର ଇଞ୍ଜିନିୟରମାନେ ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି ।

ସୂଚନା ଅନୁସାରେ, ଅନେକ ଗ୍ରୀଡ୍ ସବ-ଷ୍ଟେସନରେ ବର୍ତ୍ତମାନ ସର୍ବନିମ୍ନ ମାନବସମ୍ବଳ ରହିଥିବା ବେଳେ କେତେକ ସ୍ଥାନରେ କେବଳ ଜଣେମାତ୍ର ଇଞ୍ଜିନିୟରଙ୍କ ଦ୍ୱାରା କାର୍ଯ୍ୟ ସମ୍ପାଦନ ହେଉଛି । ଓପିଟିସିଏଲରେ ପ୍ରାୟ ୩,୩୦୦ ମଞ୍ଜୁରୀପ୍ରାପ୍ତ ପଦବୀ ଖାଲି ଖାଲିପଡ଼ିଛି । ତେଣୁ କାର୍ଯ୍ୟଭାର ଏବଂ ଓଭରଟାଇମ୍ ଭଳି ଚାପ ସୃଷ୍ଟି ହେଉଛି । ଯଦିଓ ରାଜ୍ୟ ସରକାର ନିଯୁକ୍ତି ଉପରେ ଗୁରୁତ୍ୱ ଦେଉଛନ୍ତି, ଦୀର୍ଘ ସମୟ ଧରି ଖାଲି ପଦବୀ ଖାଲି ପଡ଼ିଥିବାରୁ ଯୁବ ବୃତ୍ତିଗତମାନଙ୍କୁ ବିଦ୍ୟୁତ୍ କ୍ଷେତ୍ରରେ ଯୋଗଦେବାକୁ ନିରୁତ୍ସାହିତ କରୁଥିବା ସେମାନେ ଅଭିଯୋଗ କରିଛନ୍ତି ।

ଚଳିତ ଜୁଲାଇ ମାସରେ ଶକ୍ତି ମନ୍ତ୍ରୀଙ୍କ ଉପସ୍ଥିତିରେ ଦିଆଯାଇଥିବା ପ୍ରତିଶ୍ରୁତି ପରେ ବି ବୋର୍ଡରେ କ୍ୟାଡର ପୁନର୍ଗଠନ ପୁନଃ ପ୍ରସ୍ତାବ, ସଂଶୋଧିତ ପ୍ରସ୍ତାବ ପୂର୍ବ ଅନୁମୋଦନ ଏବଂ ପ୍ରଚଳିତ ସରକାରୀ ମାନଦଣ୍ଡ ଅନୁସାରେ ବହୁତ କମ୍ ରହିଛି । କ୍ୟାଡର ପୁନର୍ଗଠନରେ ୪ବର୍ଷ ଧରି ବିଳମ୍ବ ହେବାରୁ ପଦୋନ୍ନତି ଅଟକି ରହିଛି । ଯୁବ ଇଞ୍ଜିନିୟରମାନେ ଦୀର୍ଘକାଳୀନ କ୍ୟାରିୟର ଅନିଶ୍ଚିତତାର ସମ୍ମୁଖୀନ ହେଉଛନ୍ତି ଏବଂ ସମୟ-ସୀମାବଦ୍ଧ ପଦୋନ୍ନତି କିମ୍ବା ସ୍କେଲ୍-ଆଧାରିତ କ୍ୟାରିୟର ପ୍ରଗତି ନ ଥିବାରୁ ସାଂଗଠନିକ ମନୋବଳ ହ୍ରାସ ପାଇଛି । ଏପଟେ ପ୍ରକଳ୍ପରେ ଅତ୍ୟଧିକ ମୂଲ୍ୟ ବୃଦ୍ଧି ଏବଂ ଗ୍ରାହକଙ୍କ ପାଇଁ ଉଚ୍ଚ ଶୁଳ୍କର କାରଣ ହେଉଛି । ସମସ୍ୟାଗୁଡ଼ିକ ପ୍ରତି ଦୃଷ୍ଟି ଦେବା ସହ କର୍ମଚାରୀ, ଗ୍ରାହକ ଏବଂ ରାଜ୍ୟର ବିଦ୍ୟୁତ୍ ଭିତ୍ତିଭୂମିର ସ୍ୱାର୍ଥ ପାଇଁ ସଂଶୋଧନମୂଳକ ପଦକ୍ଷେପ ସୁନିଶ୍ଚିତ କରିବାକୁ ଓପିଟିସିଏଲର ଇଞ୍ଜିନିୟରମାନେ ମୁଖମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି ।

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୯୦.୭୫ ● ପାଉଣ୍ଡ ୧୨୧.୦୪
- ୟୁରୋ ୧୦୬.୮୬ ● ୟେନ୍ ୦.୫୮

**ସୁନା, ରୁପା ଦର (ଟଙ୍କାରେ)**



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୨୩,୩୦୦ (ନୂଆଦିଲ୍ଲୀ)
- ରୁପା : ୨,୧୯,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୪,୫୫୯.୦୦
- ନିଫ୍ଟି ୨୫,୮୧୭.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



# ବିମାନ ଭଳି ଟ୍ରେନରେ ଲାଗିବ ଅତିରିକ୍ତ ଲଗେଜ୍ ଚାର୍ଜ

**ନୂଆଦିଲ୍ଲୀ, ୧୭।୧୨ (ଏଜେନ୍ସି):** ଏଣିକି ବିମାନ ଭଳି ରେଳରେ ବି ଲାଗିବ ଲଗେଜ୍ ଚାର୍ଜ। ଟ୍ରେନରେ ଯାତ୍ରା କରିବା ସମୟରେ ସଙ୍ଗରେ ଅଧିକ ଲଗେଜ୍ ନେଲେ ଦେବାକୁ ପଡିବ ଅତିରିକ୍ତ ଲଗେଜ୍ ଚାର୍ଜ। ଅର୍ଥାତ୍ ଅନୁମୋଦିତ ଓଜନ ସୀମା ଅତିକ୍ରମ କଲେ ଯାତ୍ରୀଙ୍କୁ ଅଧିକ ଲଗେଜ୍ ବାବଦ ଶୁଳ୍କ ଦେବାକୁ ପଡିବ। ନୂଆ ନିୟମାନୁଯାୟୀ, ଦ୍ୱିତୀୟ ଶ୍ରେଣୀ ଯାତ୍ରୀଙ୍କ ପାଇଁ ୩୫ କେଜି ଏବଂ ପ୍ରଥମ ଶ୍ରେଣୀ ଏସିରେ ୭୦ କେଜି ଯାଏ ଲଗେଜ୍ ନେବା ଫ୍ରି ରଖାଯାଇଥିବାବେଳେ ସ୍ଲିପରରେ ୪୦ କେଜି ଯାଏ ଲଗେଜ୍ ନିଶୁଳ୍କ ରହିଛି। କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ବୁଧବାର ସଂସଦରେ ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ରେଳମନ୍ତ୍ରୀ କହିଛନ୍ତି ଯେ, ଏକ ନିର୍ଦ୍ଧାରିତ ସୀମାଠାରୁ ଅଧିକ ଲଗେଜ୍ ବହନ କରିବା ପାଇଁ ଟ୍ରେନରେ ଯାତ୍ରା କରୁଥିବା ଯାତ୍ରୀଙ୍କଠାରୁ ଏଣିକି ଶୁଳ୍କ ଆଦାୟ କରାଯିବ।

ନୂଆ ନିୟମ ସମ୍ପର୍କରେ ରେଳବାଇ ସ୍ପଷ୍ଟ କରିଛି ଯେ ଟ୍ରେନ ଯାତ୍ରା ସମୟରେ ଅନୁମତିପ୍ରାପ୍ତ ସୀମାଠାରୁ ଅଧିକ ଲଗେଜ୍ ବହନ କରିବା ପାଇଁ ଯାତ୍ରୀମାନଙ୍କୁ ଅତିରିକ୍ତ ଶୁଳ୍କ ଦେବାକୁ ପଡିବ। ଏହାର ଅର୍ଥ ହେଉଛି ବିମାନ ଯାତ୍ରା ପାଇଁ ଯେପରି ଲଗେଜ୍ ନିୟମ ରହିଛି, ସେହିପରି ଟ୍ରେନ ଯାତ୍ରା ପାଇଁ ଲଗେଜ୍ ନିୟମ ଆହୁରି କଠୋର ହେବାକୁ ଯାଉଛି। ସଂସଦରେ ତେଲୁଗୁ ଦେଶମ୍ ପାର୍ଟି (ଟିଡିପି) ସାଂସଦ ଭେମିରେଡ୍ଡି ପ୍ରଭାକର ରେଡ୍ଡିଙ୍କ ପ୍ରଶ୍ନର ଲିଖିତ ଉତ୍ତରରେ ବୈଷ୍ଣବ ଏହି ବିବୃତ୍ତି ଦେଇଛନ୍ତି। ରେଡ୍ଡି ପ୍ରଶ୍ନ କରିଛନ୍ତି ଯେ ରେଳବାଇ ବିମାନବନ୍ଦରରେ ଗ୍ରହଣ କରାଯାଇଥିବା ଲଗେଜ୍ ନିୟମାବଳୀ ପରି ଟ୍ରେନ



ଯାତ୍ରୀମାନଙ୍କ ପାଇଁ ଲଗେଜ୍ ନିୟମାବଳୀ କାର୍ଯ୍ୟକାରୀ କରିବ କି ନାହିଁ। ବୈଷ୍ଣବ କହିଛନ୍ତି, ବର୍ତ୍ତମାନ ଯାତ୍ରୀମାନେ ସେମାନଙ୍କ ଶ୍ରେଣୀ ଆଧାରରେ କୋଚ୍ ଭିତରେ କେତେ ଲଗେଜ୍ ବହନ କରିପାରିବେ ତାହାର ସର୍ବାଧିକ ସୀମା ସ୍ଥିର କରାଯାଇଛି।

**ସଂସଦରେ ରେଳ ମନ୍ତ୍ରୀଙ୍କ ସୂଚନା**

**ଦ୍ୱିତୀୟ ଶ୍ରେଣୀରେ ୩୫ କେଜି, ପ୍ରଥମ ଶ୍ରେଣୀ ଏସିରେ ୭୦ କେଜି ଯାଏ ଲଗେଜ୍ ଫ୍ରି**

**ସ୍ଲିପରରେ ୪୦ କେଜି ଯାଏ ଲଗେଜ୍ ନିଶୁଳ୍କ**

ସାଧାରଣତଃ, ଘରୋଇ ବିମାନଗୁଡ଼ିକ ୧୫ କିଲୋଗ୍ରାମ ପର୍ଯ୍ୟନ୍ତ ଚେକ୍-ଇନ୍ ବ୍ୟାଗେଜ୍ ଏବଂ ୭ କିଲୋଗ୍ରାମ ହ୍ୟାଣ୍ଡବ୍ୟାଗ୍ ଅନୁମତି ମିଳିଥାଏ, ଯେତେବେଳେ କି ଅନ୍ତର୍ଜାତୀୟ ବିମାନଗୁଡ଼ିକ ୨୩ ରୁ ୨୫ କିଲୋଗ୍ରାମ କିମ୍ବା ଦୁଇଟି ବ୍ୟାଗ୍ (ପ୍ରତ୍ୟେକ ୨୩ କିଲୋଗ୍ରାମ) ପର୍ଯ୍ୟନ୍ତ ବହନ ଅନୁମତି ଦେଇଥାନ୍ତି। ରେଳବାଇର ନିୟମ ଅନୁଯାୟୀ, ପ୍ରତ୍ୟେକ ଯାତ୍ରୀଙ୍କୁ ସେମାନଙ୍କ ଯାତ୍ରା ଶ୍ରେଣୀ ଉପରେ ନିର୍ଭର କରି ଏକ ନିର୍ଦ୍ଦିଷ୍ଟ ଓଜନ ପର୍ଯ୍ୟନ୍ତ ମାଗଣା ବ୍ୟାଗେଜ୍ ଅନୁମତି ଦିଆଯାଏ।

ନୂଆ ନିୟମାନୁଯାୟୀ, ଦ୍ୱିତୀୟ ଶ୍ରେଣୀରେ ଯାତ୍ରା କରୁଥିବା ଯାତ୍ରୀମାନଙ୍କୁ ମାଗଣାରେ ୩୫ କିଲୋଗ୍ରାମ ପର୍ଯ୍ୟନ୍ତ ଲଗେଜ୍ ବହନ କରିବାକୁ ଅନୁମତି ଦିଆଯାଇଛି ଏବଂ ଶୁଳ୍କ ଦେଇ ୭୦ କିଲୋଗ୍ରାମ ପର୍ଯ୍ୟନ୍ତ ଲଗେଜ୍ ବହନ କରାଯାଇପାରିବ। ତେବେ ସ୍ଲିପର୍ ଶ୍ରେଣୀର ଯାତ୍ରୀମାନଙ୍କୁ ୪୦ କିଲୋଗ୍ରାମ ମାଗଣା ଲଗେଜ୍ ଅନୁମତି ଦିଆଯାଇଛି। ତେବେ ଏହି ବର୍ଗରେ ଶୁଳ୍କ ସହ ସର୍ବାଧିକ ୮୦ କିଲୋଗ୍ରାମ ସୀମା ପର୍ଯ୍ୟନ୍ତ ଲଗେଜ୍ ନେଇହେବ। ଏସି ୩-ଟାୟାର କିମ୍ବା ଏସି ଚେୟାର କାର୍‌ରେ ଯାତ୍ରା କରୁଥିବା ଯାତ୍ରୀମାନଙ୍କୁ ୪୦ କିଲୋଗ୍ରାମ ପର୍ଯ୍ୟନ୍ତ ମାଗଣା ଲଗେଜ୍ ଅନୁମତି ଦିଆଯାଇଛି, ଯାହା ସର୍ବାଧିକ ସୀମା ମଧ୍ୟ। ପ୍ରଥମ ଶ୍ରେଣୀ କିମ୍ବା ଏସି ୨-ଟାୟାର ଯାତ୍ରୀମାନଙ୍କୁ ୫୦ କିଲୋଗ୍ରାମ ପର୍ଯ୍ୟନ୍ତ ମାଗଣା ଲଗେଜ୍ ଅନୁମତି ଦିଆଯାଇଛି, ଶୁଳ୍କ ସହ ଏହାର ସର୍ବାଧିକ ସୀମା ୧୦୦ କିଲୋଗ୍ରାମ ରଖାଯାଇଛି। ଅପରପକ୍ଷେ ପ୍ରଥମ ଶ୍ରେଣୀ ଏସିର ଯାତ୍ରୀମାନେ ୭୦ କିଲୋଗ୍ରାମ ପର୍ଯ୍ୟନ୍ତ ମାଗଣା ଲଗେଜ୍ ବହନ କରିପାରିବେ, ଯେତେବେଳେ କି ଶୁଳ୍କ ସମେତ ଏହାକୁ ୧୫୦ କିଲୋଗ୍ରାମ ପର୍ଯ୍ୟନ୍ତ ସଙ୍ଗରେ ନେବାକୁ ଅନୁମତି ରହିଛି।

ଶ୍ରୀ ବୈଷ୍ଣବଙ୍କ ଅନୁଯାୟୀ, ଯାତ୍ରୀ ବଗିରେ ବ୍ୟକ୍ତିଗତ ଲଗେଜ୍ ଭାବରେ ଟ୍ରଙ୍କ୍, ସୁଟକେସ୍ ଏବଂ ୧୦୦ ସେମି ଲମ୍ବା, ୬୦ ସେମି ଚଉଡା ଏବଂ ୨୫ ସେମି ଉଚ୍ଚତା ପର୍ଯ୍ୟନ୍ତ ବାହ୍ୟ ମାପ ସହିତ ବାକ୍ସଗୁଡ଼ିକୁ ଅନୁମତି ଦିଆଯାଇଛି। ମନ୍ତ୍ରୀ ସ୍ପଷ୍ଟ କରିଛନ୍ତି, "ଯଦି ଟ୍ରଙ୍କ, ସୁଟକେସ୍ ଏବଂ ବାକ୍ସଗୁଡ଼ିକ କୌଣସି ପ୍ରକାରେ ବାହ୍ୟ ମାପ ପରିମାଣ ଅତିକ୍ରମ କରନ୍ତି, ତେବେ ସେଗୁଡ଼ିକୁ ଯାତ୍ରୀ ବଗିରେ ନୁହେଁ, ବ୍ରେକ୍ ଭ୍ୟାନ୍)/ପାର୍ସଲ୍ ଭ୍ୟାନ୍ ରେ ବୁକ୍ ଏବଂ ପରିବହନ କରାଯିବା ଆବଶ୍ୟକ। ସେ ଆହୁରି କହିଛନ୍ତି ଯେ କମ୍ପାର୍ଟମେଣ୍ଟରେ ବ୍ୟକ୍ତିଗତ ଲଗେଜ୍ ଭାବରେ ବାଣିଜ୍ୟିକ ସାମଗ୍ରୀ ବୁକ୍ ଏବଂ ପରିବହନ କରିବା ଅନୁମତି ନାହିଁ।

# ସଂସଦରେ ବୀମା ଆଇନ ସଂଶୋଧନ ବିଲ୍ ୨୦୨୫ ଗୃହୀତ

**ନୂଆଦିଲ୍ଲୀ, ୧୭।୧୨ (ଏଜେନ୍ସି):** ସଂସଦରେ ବୁଧବାର ସବକା ବୀମା ସବକୀ ରକ୍ଷା (**ବୀମା ଆଇନ ସଂଶୋଧନ**) ବିଲ୍ ୨୦୨୫ ଗୃହୀତ ହୋଇଯାଇଛି। ଏହି ବିଲ୍‌କୁ ଉଭୟ ଲୋକସଭା ଓ ରାଜ୍ୟସଭାରେ ବହୁମତରେ ଗୃହୀତ କରାଯାଇଛି। ଦେଶର ବୀମା କ୍ଷେତ୍ରରେ ବିଦେଶ ସିଧା ନିବେଶ (ଏଫଡିଆଇ)କୁ ବର୍ତ୍ତମାନର ୭୪%ରୁ ବଢାଇ ୧୦୦% କରିବାକୁ ବିଲ୍‌ରେ ପ୍ରାବଧାନ ରହିଛି। ଏହା ଦ୍ୱାରା ବୀମା ପହଞ୍ଚ ବଢିବା, ପ୍ରିମିୟମ ହ୍ରାସ ହେବା ଓ ରୋଜଗାରର ସୁଯୋଗ ସୃଷ୍ଟି ହେବ ବୋଲି ଆଶା କରାଯାଉଛି।ବିଲ୍‌ରେ ବିରୋଧୀ କିଛି ସଂଶୋଧନ ପ୍ରସ୍ତାବ ଦେଇଥିଲେ। ତେବେ ସଂସଦ ଏହାକୁ ଖାରଜ କରିଦେଇଛି। ବିଧେୟକ ଉପରେ ଚର୍ଚ୍ଚାର ଜବାବ ଦେଇ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ କହିଛନ୍ତି ଯେ ଏହି ସଂଶୋଧନ ଯୋଗୁ ବିଦେଶୀ କମ୍ପାନୀଙ୍କୁ ଦେଶର ବୀମା କ୍ଷେତ୍ରରେ ଅଧିକ ପୁଞ୍ଜି ଆଣିବାକୁ ଅନୁମତି ମିଳିବ। ସୀତାରମଣ ଗୃହକୁ କହିଛନ୍ତି ଯେ ଦେଶରେ ବୀମାର ପହଞ୍ଚ ବଢିବାରେ ସହାୟତା ମିଳିବ। ସେ କହିଛନ୍ତି ଯେ ଏଫଡିଆଇ ସୀମା ୧୦୦% ପର୍ଯ୍ୟନ୍ତ ବଢିବା ଯୋଗୁ ଅଧିକ ବିଦେଶୀ କମ୍ପାନୀ ଭାରତ ଆସିବା ଲାଗି ରାସ୍ତା ଫିଟିବ।

# ଫୁଲଚାଷ ପ୍ରକଳ୍ପ ପାଇଁ ଆଦିତ୍ୟ ଆଲୁମିନିୟମ-ଉଦ୍ୟାନ କୃଷି ବିଭାଗ ଏମ୍‌ଓୟୁ

**ଭୁବନେଶ୍ୱର,୧୭।୧୨(ସମିସ):** ଏକ ସ୍ୱତନ୍ତ୍ର ଫୁଲଚାଷ ପ୍ରକଳ୍ପ କାର୍ଯ୍ୟକାରୀ କରିବାକୁ ଆଦିତ୍ୟ ଆଲୁମିନିୟମ, ଲପଙ୍ଗା ଉଦ୍ୟାନ କୃଷି ବିଭାଗ ସହିତ ବୁଝାମଣା ପତ୍ର (ଏମ୍‌ଓୟୁ) ସ୍ୱାକ୍ଷର କରିଛି। ଏହି ଏମ୍‌ଓୟୁରେ ଆଦିତ୍ୟ ଆଲୁମିନିୟମ, ଲପଙ୍ଗାର ୟୁନିଟ୍ ହେଡ ଜଗନ୍ନାଥ ପ୍ରସାଦ ନାୟକ ଏବଂ ଡିଆର୍‌ଡିଏ ସମ୍ବଲପୁରର ପ୍ରକଳ୍ପ ନିର୍ଦ୍ଦେଶକ ପ୍ରସନ୍ନ କୁମାର ପାତ୍ର ଆନୁଷ୍ଠାନିକ ଭାବରେ ସ୍ୱାକ୍ଷର କରିଥିଲେ। ଏହି ଅବସରରେ ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ (ଏଡିଏଚ) ସୁଶ୍ରୀ ପ୍ରିୟଙ୍କା ପ୍ରିୟଦର୍ଶିନୀଙ୍କ ସମେତ ଉଦ୍ୟାନ କୃଷି ବିଭାଗର ଅଧିକାରୀଗଣ ଉପସ୍ଥିତ ଥିଲେ। ବିନୋଦ ନନ୍ଦ ଠାକୁର, ହେଡ୍- ଏଚଆର; ରବି ନିୱାଶ,ହେଡ୍- ସିଏସ୍‌ଆର ଏବଂ ମନୋରଞ୍ଜନ ବେହେରା, ଡେପୁଟି ମ୍ୟାନେଜର-ସିଏସ୍‌ଆରଙ୍କ ସମେତ ଆଦିତ୍ୟ ଆଲୁମିନିୟମ, ଲପଙ୍ଗାର ବରିଷ୍ଠ ପ୍ରତିନିଧିଗଣ ମଧ୍ୟ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ଇପିଏଫ୍ ଟଙ୍କା ଏଟିଏମ୍ କିମ୍ବା ୟୁପିଆଇରେ ଉଠାଣ ସୁବିଧା

**ମାର୍ଚ୍ଚରୁ ଲାଗୁହେବ ନୂଆ ନିୟମ**

**ନୂଆଦିଲ୍ଲୀ,୧୭।୧୨(ଏଜେନ୍ସି):** କେନ୍ଦ୍ର ଶ୍ରମ ମନ୍ତ୍ରଣାଳୟ କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଂଗଠନ( ଇପିଏଫ୍‌ଓ)ସଦସ୍ୟଙ୍କ ପାଇଁ ଟଙ୍କା ଉଠାଣ ଏଟିଏମ୍ କିମ୍ବା ୟୁପିଆଇ ଜରିଆରେ କରିବାର ସୁବିଧା ପ୍ରଦାନ କରିବାକୁ ଯାଉଛି। ଏହି ପରିବର୍ତ୍ତନ ୨୦୨୬ ମାର୍ଚ୍ଚରୁ କାର୍ଯ୍ୟକାରୀ ହୋଇପାରେ। କେନ୍ଦ୍ର ଶ୍ରମ ମନ୍ତ୍ରୀ ମନସୁଖ ମାଣ୍ଡଭିଆଙ୍କ ଅନୁଯାୟୀ, ସଦସ୍ୟମାନେ ଏବେ ବି ସେମାନଙ୍କର ଇପିଏଫ୍ ବାଲାନ୍ସର ୭୫ ପ୍ରତିଶତ ଉଠାଣ କରିପାରିବେ। ଭବିଷ୍ୟତରେ ଏହି ଉଠାଣ ପ୍ରକ୍ରିୟାକୁ ଆହୁରି ସରଳ କରାଯିବ। ଲକ୍ଷ୍ୟ ହେଉଛି ଲୋକମାନଙ୍କୁ ସେମାନଙ୍କର କଠିନ ପରିଶ୍ରମର ଟଙ୍କା ଶୀଘ୍ର ଏବଂ ସହଜରେ ଉପଲବ୍ଧ କରାଇବା।

ମନ୍ତ୍ରଣାଳୟ ମଧ୍ୟ ଇପିଏଫ୍ ଉଠାଣକୁ ୟୁପିଆଇ ସହିତ ଲିଙ୍କ୍ କରିବ। ଏହି ନୂତନ ପଦକ୍ଷେପର ଲକ୍ଷ୍ୟ ସଦସ୍ୟମାନଙ୍କ ପାଇଁ ପାଣ୍ଠି ଉଠାଣକୁ ଯଥାସମ୍ଭବ ସହଜ କରିବା। ଲୋକମାନେ ଆଜିକାଲି ଦୈନନ୍ଦିନ ଆର୍ଥିକ କାରବାର ପାଇଁ ଏଟିଏମ୍ ଏବଂ ୟୁପିଆଇ ବ୍ୟବହାର କରନ୍ତି, ତେଣୁ ଇପିଏଫ୍‌କୁ ସମାନ ଭାବରେ ଲିଙ୍କ୍ କରିବା ଯୋଜନା ରହିଛି। ସେ କହିଛନ୍ତି ଯେ, ଏହା ସଦସ୍ୟମାନଙ୍କୁ ଅନଲାଇନ୍ ପୋର୍ଟାଲ୍ କିମ୍ବା ନିଯୁକ୍ତିଦାତାଙ୍କ ଉପରେ ନିର୍ଭର କରିବାଠାରୁ ମୁକ୍ତ କରିବ। ଦାବି ସମାଧାନରେ ବିଳମ୍ବ ମଧ୍ୟ ହ୍ରାସ ପାଇବ। ବର୍ତ୍ତମାନ, ଇପିଏଫ୍ ଉଠାଣ ପାଇଁ ଏକାଧିକ ଫର୍ମ ପୂରଣ କରିବାକୁ ପଡୁଛି। ଅନେକ ସଦସ୍ୟ ଏହି ପ୍ରକ୍ରିୟାକୁ କଷ୍ଟକର ମନେ କରନ୍ତି, ଯାହା ଉଠାଣରେ ବିଳମ୍ବ କରେ। ଏହି ସମସ୍ୟାର ସମାଧାନ ପାଇଁ, ସରକାର ଏଟିଏମ୍ ଏବଂ ୟୁପିଆଇ ଉଠାଣ ବିକଳ୍ପ ପ୍ରଚଳନ କରୁଛନ୍ତି। ଏହି ବୈଶିଷ୍ଟ୍ୟ ଦୈନନ୍ଦିନ ବ୍ୟାଙ୍କିଙ୍ଗ ଅଭ୍ୟାସ ସହିତ ସମନ୍ୱିତ ହେବ। ସଦସ୍ୟମାନଙ୍କୁ ଆଉ ଦୀର୍ଘ ସମୟ ଅପେକ୍ଷା କରିବାକୁ ପଡିବ ନାହିଁ କିମ୍ବା ଅନେକ ଡକ୍ୟୁମେଣ୍ଟ ଦାଖଲ କରିବାକୁ ପଡିବନାହିଁ। ପାଣ୍ଠି ସିଧାସଳଖ ସେମାନଙ୍କ ପଞ୍ଜିକୃତ ବ୍ୟାଙ୍କ ଆକାଉଣ୍ଟରେ ଜମା କରାଯିବ।

# ଲାଞ୍ଜିଗଡ଼ ରିଫାଇନାରୀ କ୍ଷମତା ବଢ଼ାଇଛି ବେଦାନ୍ତ

**ଭୁବନେଶ୍ୱର, ୧୭।୧୨(ସମିସ):** ବେଦାନ୍ତ ଆଲୁମିନିୟମ ସଫଳତାର ସହିତ ଏହାର ଲାଞ୍ଜିଗଡ଼ ରିଫାଇନାରୀ କାର୍ଯ୍ୟକୁ ବାର୍ଷିକ ୫ ନିୟୁତ ଟନ୍ (ଏମଟିପିଏ) ପର୍ଯ୍ୟନ୍ତ ବୃଦ୍ଧି କରିଛି, ଯାହା କମ୍ପାନୀର ଅଭିବୃଦ୍ଧି ଯାତ୍ରାରେ ଏକ ଐତିହାସିକ ପଦକ୍ଷେପ। ଏହି ସମ୍ପ୍ରସାରଣ ସହିତ



ବେଦାନ୍ତ ଲାଞ୍ଜିଗଡ଼ ବର୍ତ୍ତମାନ ବିଶ୍ୱର ଦ୍ୱିତୀୟ ସର୍ବବୃହତ ଆଲୁମିନା ରିଫାଇନାରୀ (ଚୀନ୍ ପଛକୁ) ଭାବରେ ସ୍ଥାନ ପାଇଛି, ଯାହା ଭାରତର ମୋଟ ଆଲୁମିନା ରିଫାଇନାରୀ କ୍ଷମତାକୁ ପ୍ରାୟ ୧୩ ଏମଟିପିଏ ପର୍ଯ୍ୟନ୍ତ ବୃଦ୍ଧି କରି ଦେଶକୁ ବିଶ୍ୱ ସ୍ତରରେ ତୃତୀୟ ସର୍ବବୃହତ ଉତ୍ପାଦକ ଭାବରେ ସ୍ଥାନିତ କରିଛି। ଲାଞ୍ଜିଗଡ଼ ସୁବିଧା କେବଳ ଭାରତର ମୋଟ ଆଲୁମିନା ଉତ୍ପାଦନର ୩୮% ଯୋଗଦାନ କରିଥାଏ ଏବଂ ଏହା ଏବେ ଦେଶର ସର୍ବବୃହତ ଏକକ-ସ୍ଥାନ ଆଲୁମିନା ରିଫାଇନାରୀ ଭାବରେ ଉଭାହୋଇଛି। ସମାନ୍ତରାଳ ଭାବରେ ରିଫାଇନାରୀ ନଭେମ୍ବର ମାସରେ ଏହାର ସର୍ବାଧିକ ମାସିକ ଆଲୁମିନା ଉତ୍ପାଦନ ୨୫୪ କେଟି ହାସଲ କରିଛି, ଯାହା ମାସ-ପ୍ରତି-ମାସ ୮% ବୃଦ୍ଧି ଏବଂ ବର୍ଷ-ପ୍ରତି-ବର୍ଷ ପ୍ରଭାବଶାଳୀ ୬୮% ଅଭିବୃଦ୍ଧି ଦର୍ଶାଇଛି।

# ୧୯ ରୁ ଓଡିଶା ଏଆଇ ସମ୍ମିଳନୀ ୨୦୨୫

**ଭୁବନେଶ୍ୱର, ୧୭।୧୨ (ସମିସ):** ଆସନ୍ତା ବର୍ଷ ଫେବୃଆରୀରେ ଭାରତ ଇମ୍ପାକ୍ଟ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ(ଏଆଇ) ସମ୍ମିଳନୀ ହେବା ପୂର୍ବରୁ ୮ ଟି ରାଜ୍ୟରେ ଆଞ୍ଚଳିକ ଇମ୍ପାକ୍ଟ ଏଆଇ ସମ୍ମିଳନୀ ଅନୁଷ୍ଠିତ ହେବ। ମଧ୍ୟପ୍ରଦେଶ, କେରଳ, ଗୁଜୁରାଟ, ରାଜସ୍ଥାନ, ମେଘାଳୟ, ଉତ୍ତର ପ୍ରଦେଶ, ତେଲେଙ୍ଗାନା ସହ ଓଡିଶାରେ ଏହି ସମ୍ମିଳନୀ ହେବ। ତେଣୁ ଓଡିଶାକୁ ଏକ ଏଆଇ ହବ୍‌ରେ ପରିଣତ କରିବାକୁ ପ୍ରଧାନମନ୍ତ୍ରୀ ଗୁରୁତ୍ୱ ଦେଉଛନ୍ତି। ଓଡିଶା ଓଡିଆ ଅସ୍ମିତାକୁ ପ୍ରାଧାନ୍ୟ ଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ତତ୍ତ୍ୱାବଧାନରେ ଏଥର ଡିସେମ୍ବର ୧୯ ରୁ ୨୦ ଓଡିଶାରେ ଏଆଇ ସମ୍ମିଳନୀ ୨୦୨୫ ଅନୁଷ୍ଠିତ ହେବ। ଏଥିରେ ଏଆଇରେ ଭାଷା ଦାନ କାର୍ଯ୍ୟକ୍ରମ କରାଯିବ, ଯେଉଁଥିରେ ଓଡିଆ ଲେଖାକୁ ସରଳ ଭାବରେ ଲୋକଙ୍କ ପାଖକୁ ପହଞ୍ଚାଇବାକୁ ଚେଷ୍ଟା କରାଯିବ ବୋଲି ଏକ ସାମ୍ବାଦିକ ସମ୍ମିଳନୀରେ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ କହିଛନ୍ତି। ପ୍ରଥମ ରାଜ୍ୟ ଭାବେ ଓଡ଼ିଶା ଏଆଇ ନୀତି ୨୦୨୫ ସହିତ, ଫିନଟେକ୍, ଗ୍ଲୋବାଲ କାପାବିଲିଟି ସେଣ୍ଟର ଏବଂ ଉନ୍ନତ ଇଲେକ୍ଟ୍ରୋନିକ୍ସ ପାଇଁ ପ୍ରଗତିଶୀଳ ନୀତି ସହିତ ଜନସଂଖ୍ୟା ପରିମାପ ଏଆଇ ଗ୍ରହଣ ପାଇଁ ଏକ ସ୍ପଷ୍ଟ, ଦାୟିତ୍ୱବାନ ଏବଂ ନିବେଶକ-ଅନୁକୂଳ ଢାଞ୍ଚା ନିର୍ମାଣ କରାଯାଉଛି। ଏଥିରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ବିଶାଳ ଦେବ ଏବଂ ସ୍ୱତନ୍ତ୍ର ସଚିବ ମାନସ ରଞ୍ଜନ ପଣ୍ଡା ଉପସ୍ଥିତ ଥିଲେ।

# ବଢୁଛି ଚାନ୍ଦିର କ୍ରେଜ୍; ରୁପା କିଲୋ ୨.୧୯ ଲକ୍ଷ

**ନୂଆଦିଲ୍ଲୀ,୧୭।୧୨(ଏଜେନ୍ସି):** ଘରୋଇ ଏବଂ ବିଶ୍ୱ ବଜାରରେ ପ୍ରବଳ ଚାହିଦା ଯୋଗୁଁ ଆକାଶଛୁଆଁ ହେବାରେ ଲାଗିଛି ରୁପା ଦର। ରାଜଧାନୀ ଭୁବନେଶ୍ୱରରେ ଆଜି ରୁପା କିଲୋଗ୍ରାମ ପିଛା ସର୍ବକାଳୀନ ରେକର୍ଡ ସ୍ତର ୨.୧୯ ଲକ୍ଷ ଟଙ୍କା ଟପିଛି। ଏଥିରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଆଜି ମାତ୍ର ଗୋଟିଏ ଦିନର କାରବାରରେ ଘରୋଇ ବଜାରରେ ରୁପା କିଲୋଗ୍ରାମ ପିଛା ୭,୩୦୦ ଟଙ୍କା ବୃଦ୍ଧି ଘଟିଛି। ମାତ୍ର ୯ ମାସ ମଧ୍ୟରେ ରୁପା ମୂଲ୍ୟ ୧ରୁ ୨ ଲକ୍ଷ ଟଙ୍କାରେ ପହଞ୍ଚିଛି। ହେଲେ ୫୦ ହଜାରରୁ ୧ଲକ୍ଷ ଟଙ୍କା ସ୍ତରରେ ରେ ପହଞ୍ଚିବାକୁ ଏହାକୁ ୧୪ ବର୍ଷ ସମୟ ଲାଗିଥିଲା।

**ଦିନକରେ ମୂଲ୍ୟ ୭,୩୦୦ ବଢ଼ିଲା**

**୯ ମାସରେ ଦର ଦୁଇଗୁଣା ବୃଦ୍ଧି**

ସେହିପରି ବୁଧବାର ଦେଶର ଫ୍ୟୁଚର୍ସ ବଜାର ପରେ ରାଜଧାନୀ ଦିଲ୍ଲୀର ସ୍ପଟ୍ ବଜାରରେ ନୂଆଦିଲ୍ଲୀରେ ମଧ୍ୟ ପ୍ରଥମ ଥର ପାଇଁ ରୁପା ପ୍ରତି କିଲୋଗ୍ରାମ ୨ ଲକ୍ଷ ଟଙ୍କା ଅତିକ୍ରମ କରିଛି। ଇଣ୍ଡିଆ ବୁଲିୟନ୍ ଆଣ୍ଡ ଜୁଏଲର୍ସ ଆସୋସିଏସନ୍ (ଆଇବିଜେଏ) ଅନୁଯାୟୀ, ଆଜି ସକାଳେ ଏକ କିଲୋଗ୍ରାମ ରୁପା ୨,୦୦,୭୫୦ ଟଙ୍କାରେ କାରବାର ଆରମ୍ଭ କରିଥିଲା।କେବଳ ଡିସେମ୍ବର ମାସରେ ରୁପା ମୂଲ୍ୟ ୨୦ ପ୍ରତିଶତରୁ ଅଧିକ ବୃଦ୍ଧି ପାଇଛି। ବିଶେଷଜ୍ଞମାନଙ୍କ କହିବାନୁଯାୟୀ, ରୁପାର ଚାହିଦା ଯଥେଷ୍ଟ ବୃଦ୍ଧି ପାଉଛି। ଯୋଗାଣ କମ୍ ରହିଥିବାରୁ ରୁପା ମୂଲ୍ୟ ବୃଦ୍ଧି ପାଉଛି। ଏମିତିକି ଆଗାମୀ ଦିନରେ ରୂପା ମୂଲ୍ୟ ଆହୁରି ବୃଦ୍ଧି ପାଇପାରେ। ଅନ୍ୟପକ୍ଷରେ, ସୁନା ମୂଲ୍ୟ ମଧ୍ୟ ବୃଦ୍ଧି ପାଇବ ବୋଲଇ ବିଶେଷଜ୍ଞମାନେ ଆକଳନ କରୁଛନ୍ତି।

ଅପରପକ୍ଷେ ଭୁବନେଶ୍ୱରରେ ସୋମବାର ୧୦ ଗ୍ରାମ ପିଛା ୨୪ କ୍ୟାରେଟ୍ ସୁନା ଦର ଆଜି ରେକର୍ଡ ୧,୩୪,୩୭୦ ଟଙ୍କାରେ ପହଞ୍ଚିଛି। ସେହିପରି ୨୨ କ୍ୟାରେଟ୍ ସୁନା ୧୦ ଗ୍ରାମ ପିଛା ୧,୨୩,୩୦୦ ଟଙ୍କା ହୋଇଛି। ତେବେ ରୁପା କିଲୋ ପିଛା ୨,୧୯,୦୦୦ ଟଙ୍କା ଛୁଇଁ ନୂଆ ଇତିହାସ ରଚିଛି। ଅନ୍ତର୍ଜାତୀୟ ବଜାରରେ ସ୍ପଟ୍ ସୁନା ମୂଲ୍ୟ ୧୮.୫୯ ଡଲାର କିମ୍ବା ୦.୪୩ ପ୍ରତିଶତ ବୃଦ୍ଧି ପାଇ ପ୍ରତି ଆଉନ୍ସ ୪,୩୨୧.୦୬ ଡଲାରରେ ପହଞ୍ଚିଛି। ଏଥିସହ ସ୍ପଟ୍ ରୂପା ମୂଲ୍ୟ ମଧ୍ୟ ପ୍ରଥମ ଥର ପାଇଁ ଅନ୍ତର୍ଜାତୀୟ ବଜାରରେ ପ୍ରତି ଆଉନ୍ସ ୬୬ ଆମେରିକୀୟ ଡଲାର ଅତିକ୍ରମ କରିଛି।

# ବନ୍‌ତାରା ବୁଲିଲେ ଲିଓନେଲ ମେସି



**ଜାମନଗର, ୧୭।୧୨:** ବିଶ୍ୱ ଫୁଟବଲ୍ ଆଇକନ୍ ଲିଓନେଲ ମେସି ଅନନ୍ତ ଅମ୍ବାନୀଙ୍କ ଦ୍ୱାରା ପ୍ରତିଷ୍ଠିତ ବନ୍ୟପ୍ରାଣୀ ଉଦ୍ଧାର, ପୁନର୍ବାସ ଏବଂ ସଂରକ୍ଷଣ କେନ୍ଦ୍ର ବନ୍‌ତାରାକୁ ଏକ ସ୍ୱତନ୍ତ୍ର ଗସ୍ତ କରିଛନ୍ତି। ବନ୍ୟପ୍ରାଣୀ ସଂରକ୍ଷଣ ପ୍ରତି ତାଙ୍କର ପ୍ରତିବଦ୍ଧତା ପାଇଁ ଅନନ୍ତ ଅମ୍ବାନୀଙ୍କ ସହ ସେ ଯେଉଁ ସମ୍ପର୍କ ଏବଂ ବନ୍ଧୁତା ରଖିଛନ୍ତି ତାହା ମେସିଙ୍କ ଏଠାକୁ ଗସ୍ତରେ ସ୍ପଷ୍ଟ ଭାବେ ବାରି ହୋଇପଡୁଥିଲା। ମେସି ତାଙ୍କ ଇଣ୍ଟର ମିଆମି ସାଥୀ ଖେଳାଳି ଲୁଇସ୍ ସୁଆରଜ୍ ଏବଂ ରୋଡ୍ରିଗୋ ଡି ପାଉଲଙ୍କୁ ସେଠାରେ ମହାପାରମ୍ପରିକ ଶୈଳୀରେ ତାଙ୍କୁ ଲୋକ ସଙ୍ଗୀତ ଓ ପାରମ୍ପରିକ ଆସ୍ଥା ଆଧାରିତ ଆରତୀରେ ସ୍ୱାଗତ କରାଯାଇଥିଲା। ମେସି ବନ୍‌ତାରାର ବ୍ୟାପକ ସଂରକ୍ଷଣ ଇକୋସିଷ୍ଟମକୁ ବୁଲି ଦେଖିଲେ। ସେ ସବୁଜ ଶକ୍ତି କମ୍ପ୍ଲେକ୍ସ ଏବଂ ବିଶ୍ୱର ସର୍ବବୃହତ ରିଫାଇନାରୀ କମ୍ପ୍ଲେକ୍ସ ମଧ୍ୟ ପରିଦର୍ଶନ କରିଥିଲେ। କେୟାର ସେଣ୍ଟରରେ ସେ ସିଂହ, ଚିତାବାଘ, ବାଘ ଏବଂ ଅନ୍ୟାନ୍ୟ ଲୁପ୍ତପ୍ରାୟ ପ୍ରଜାତିର ଜୀବଜନ୍ତୁଙ୍କ ସହ ସମୟ ଅତିବାହିତ କରିଥିଲେ। ଏଥିରେ ସେ ବିଶେଷ ବନ୍ୟପ୍ରାଣୀ ହସ୍ପିଟାଲ ମଧ୍ୟ ପରିଦର୍ଶନ କରିଥିଲେ, ବାସ୍ତବ ସମୟରେ କ୍ଲିନିକାଲ୍ ଏବଂ ଶଲ୍ୟଚିକିତ୍ସା ପ୍ରକ୍ରିୟା ଦେଖିଥିଲେ ଏବଂ ପରେ ଓକାପିସ୍, ଗଣ୍ଡା, ଜିରାଫ ଏବଂ ହାତୀମାନଙ୍କୁ ଖାଇବାକୁ ଦେଇଥିଲେ। ଏହି ଅବସରରେ ଅନନ୍ତ ଅମ୍ବାନୀ ଏବଂ ରାଧିକା ଅମ୍ବାନୀ ଏକାଠି ଏକ ସିଂହ ଶାବକର 'ଲିଓନେଲ୍' ନାମକରଣ କରିଥିଲେ। ଏହି ଅବସରରେ ଅନନ୍ତ ଅମ୍ବାନୀ ଓ ତାଙ୍କ ପତ୍ନୀ ରାଧିକା ମର୍ଚ୍ଚାଣ୍ଟ ମେସିଙ୍କ ସ୍ମୃତିରେ ବନତାରାରେ ଜନ୍ମିତ ଏକ ବାଘ ଶାବକର ନାମ 'ଲିଓନେଲ୍' ରଖିଥିଲେ।

**ପଡ୍‌କାଷ୍ଟରେ ରାଜନ୍ ମାରିଲେ ତେରଛା ବାଣ**

# ସୁପର ପାୱାରଠାରୁ ବହୁ ଦୂରରେ ଭାରତ

**ନୂଆଦିଲ୍ଲୀ,୧୭।୧୨(ଏଜେନ୍ସି):** ବର୍ତ୍ତମାନ ସମୟରେ ଭାରତକୁ ଏକ ସୁପର ପାୱାର ବା ମହାଶକ୍ତି ବୋଲି କହିବା ଏକ ତରବରିଆ ମନ୍ତବ୍ୟ ହେବ। ବାସ୍ତବରେ ଭାରତକୁ ଏକ ମହାଶକ୍ତି ବିଶିଷ୍ଟ ରାଷ୍ଟ୍ରରେ ପରିଣତ ହେବାକୁ ହେଲେ ଅନେକ କିଛି କାମ କରିବାର ବାକି ଅଛି। ଏଥିପାଇଁ ଦଶନ୍ଧି ଦଶନ୍ଧି ଧରି ନିରନ୍ତର କଠିନ ପରିଶ୍ରମ କରିବାକୁ ପଡିବ। ଭାରତ ବର୍ତ୍ତମାନ ଏକ ସୁପର ପାୱାର ରାଷ୍ଟ୍ରରେ ପରିଣତ ହେବାଠାରୁ ଦଶନ୍ଧୀ ଦଶନ୍ଧୀ ଦୂରରେ ରହିଛି। ଦେଶକୁ ଏବେ ରାଷ୍ଟ୍ର ନିର୍ମାଣ ଉପରେ ଧ୍ୟାନ ଦେବାକୁ ପଡିବ ବୋଲି ଏକ ପଡକାଷ୍ଟରେ ପୂର୍ବତନ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ଗଭର୍ଣ୍ଣର ରଘୁରାମ ରାଜନ୍ କହିଛନ୍ତି।

ଏ ସମ୍ପର୍କରେ ରାଜନ ଭାରତକୁ ସତର୍କ କରାଇ କହିଛନ୍ତି ଯେ, ଆମେ ଆଶାକୁ ବାସ୍ତବତା ସହିତ ଭେଦ କରିବା ଉଚିତ୍ ନୁହେଁ। ସେ କହିଛନ୍ତି , ଆମେ ସ୍ୱପ୍ନ ଦେଖିବା ଉଚିତ। ଏହାସହ ବିଶ୍ୱ ବିଷୟରେ ଚିନ୍ତା କରିବା ମଧ୍ୟ ଜରୁରୀ। ଆମକୁ ସେଗୁଡ଼ିକୁ ହାସଲ କରିବାର ସମ୍ଭାବନା ମଧ୍ୟ ଦେଖିବାକୁ ପଡିବ। ଏହା କରିବା ପାଇଁ ଆମକୁ ଆମ ଦେଶ ଭିତରର କାର୍ଯ୍ୟଗୁଡିକୁ କରିବାକୁ ପଡିବ। ଆମେ କେବଳ ସ୍ୱପ୍ନ ଦେଖି କହିପାରିବୁ ନାହିଁ ଯେ ଆମେ ସେଠାରେ ପହଞ୍ଚିଛୁ। କାରଣ ଆମେ ସେହି ଲକ୍ଷ୍ୟଠାରୁ ବହୁ ଦୂରରେ।

ରାଜନ ଏହା ମଧ୍ୟ ଗୁରୁତ୍ୱାରୋପ କରିଛନ୍ତି ଯେ ଭାରତକୁ ବିଶ୍ୱର ପ୍ରମୁଖ ରାଷ୍ଟ୍ର ଭାବରେ ବାରମ୍ବାର ଚିତ୍ରଣ କରିବା ଦ୍ୱାରା ଚାକିରି, ଦକ୍ଷତା, ଶିକ୍ଷା ଏବଂ ପ୍ରତିଷ୍ଠାନରେ ଥିବା ଅଭାବକୁ ଅଣଦେଖା କରାଯାଉଛି। ଏହା ହେଉଛି ସମସ୍ୟା ଯେତେବେଳେ ଆମେ ନିରନ୍ତର ଭାବୁ ଯେ ଆମେ ବହୁ ପୂର୍ବରୁ ଏକ ମହାଶକ୍ତି। ଆମେ ବର୍ତ୍ତମାନ ଏକ ମହାଶକ୍ତି ବିଶଇଷ୍ଟ ରାଷ୍ଟ୍ର ନୁହେଁ। ଆମେ ମହାଶକ୍ତି ବନିପାରିବା। ଯଦି ଆମେ ସଠିକ୍ କାମ କରୁ, ତେବେ ଆମେ ହୁଏତ ଏହା କରିପାରିବୁ, କିନ୍ତୁ ଆମେ ଏବେ ସେଠାରୁ ବହୁତ ଦୂରରେ ଅଛୁ। ଶ୍ରେଷ୍ଠ ଅର୍ଥନୀତିଜ୍ଞଙ୍କ ଅନୁସାରେ, ଏକ ପ୍ରକୃତ ମହାଶକ୍ତି ହେବା କେବଳ ସ୍ଲୋଗାନ କିମ୍ବା ସମୟସୀମାର ବିଷୟ ନୁହେଁ। ଏହା ସମଗ୍ର ସମାଜର ଦୈନନ୍ଦିନ ପ୍ରୟାସ ଉପରେ ନିର୍ଭର କରେ। ସେ କହିଥିଲେ, ଏହାର ଅର୍ଥ ହେଉଛି ପ୍ରତିଦିନ କାମ କରିବା, ଆପଣ ଯେଉଁଠାରେ ଅଛନ୍ତି ନା କାହିଁକି - ଆପଣ ସାମରିକ ବାହିନୀରେ ଅଛନ୍ତି କି, ଆପଣ ଜଣେ ସାଧାରଣ ନାଗରିକ, ଆପଣ ଶିକ୍ଷା କ୍ଷେତ୍ରରେ ଅଛନ୍ତି କି, କିମ୍ବା ଆପଣ ଜଣେ ଡାକ୍ତର। ଭାରତ ନିର୍ମାଣ ଏପରି ଏକ ଜିନିଷ ଯାହା ଆମକୁ ଆଗାମୀ ୩୦ ବର୍ଷ ପର୍ଯ୍ୟନ୍ତ କରିବାକୁ ପଡିବ। ଯାହା ପରେ ଆମେ ଟିକେ ଆରାମ କରିପାରିବା।



**ବର୍ତ୍ତମାନ ରାଷ୍ଟ୍ର ନିର୍ମାଣ ଉପରେ ଗୁରୁତ୍ୱ ଦିଆଯିବା ଦରକାର**

**ଦଶନ୍ଧି ଦଶନ୍ଧି ଧରି ନିରନ୍ତର କଠିନ ପରିଶ୍ରମ କରିବାକୁ ହେବ**

ରାଜନ୍ କହିଛନ୍ତି ଯେ ଆମକୁ ଭାରତର ବର୍ତ୍ତମାନର ଅଭିବୃଦ୍ଧି ହାରକୁ ନେଇ ଆତ୍ମସନ୍ତୋଷ ହେବା ଉଚିତ୍ ନୁହେଁ। ସେ ଆର୍ଥିକ ସ୍ଥିରତା, ଭିତ୍ତିଭୂମି ବିକାଶ ଏବଂ ମୁଦ୍ରାସ୍ଫୀତିକୁ ନିୟନ୍ତ୍ରଣ କରିଥିବା ସଂସ୍କାରଗୁଡ଼ିକୁ ସ୍ୱୀକାର କରିଛନ୍ତି। ତଥାପି, ସେ ବିଶେଷକରି ଭାରତର ଯୁବ ଜନସଂଖ୍ୟା ପାଇଁ ଚାକିରି ଅଭାବ, ଦକ୍ଷତା ବିକାଶ, ଶିକ୍ଷା ଗୁଣବତ୍ତା ଏବଂ ଉତ୍ପାଦକତା ଭଳି ସ୍ଥାୟୀ ଆହ୍ୱାନଗୁଡ଼ିକୁ ମଧ୍ୟ ଆଲୋକପାତ କରିଛନ୍ତି। ରାଜନ ଯୁକ୍ତି ଦର୍ଶାଇଛନ୍ତି ଯେ, ଭାରତର ଦୀର୍ଘକାଳୀନ ପ୍ରଗତି ପାଇଁ ସବୁଠାରୁ ବଡ଼ ବିପଦ ହେଉଛି ଅଭିବୃଦ୍ଧି ସଂଖ୍ୟାକୁ ଭୁଲ ଭାବରେ ଗ୍ରହଣ କରିବା। ତାଙ୍କ ମତରେ, ନିରନ୍ତର ପ୍ରଗତି ପାଇଁ ମାନବ ପୁଞ୍ଜିରେ ବିନିଯୋଗ, ବ୍ୟବସାୟ କରିବାର ସହଜତାରେ ଉନ୍ନତି, ଭଲ-ଗୁଣବତ୍ତା ନିଯୁକ୍ତି ସୃଷ୍ଟି କରିବା ଏବଂ ପ୍ରତିଷ୍ଠାନଗୁଡ଼ିକୁ ସ୍ୱାଧୀନ ଏବଂ ନିର୍ଭରଯୋଗ୍ୟ ଭାବରେ କାର୍ଯ୍ୟ କରିବା ନିଶ୍ଚିତ କରିବା ଆବଶ୍ୟକ। ଭାରତ ସମୟ ସହିତ ଏକ ବିଶ୍ୱ ଶକ୍ତି ହେବାର ସମ୍ଭାବନା ରଖିଛି, କିନ୍ତୁ କେବଳ ଯଦି ଏହା ଅତ୍ୟଧିକ ଶୀଘ୍ର ବିଜୟ ଘୋଷଣା କରିବାର ପ୍ରଲୋଭନକୁ ପ୍ରତିରୋଧ କରେ।

